# ମାଉସୀ ଘରେ ପହଞ୍ଚିଲେ ତିନି ଠାକୁର

**ବାରିପଦା ଅଫିସ,୬।୭**

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାରେ ନିଆରା ପରମ୍ପରା ଅନୁଯାଇ ୨ୟ ଦିନରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା' ଘରେ ପହଞ୍ଚିଛନ୍ତି। ଶୁକ୍ରବାର ରଥାରଢ ବଡଭାଇ ବଳଭଦ୍ର ମାଉସୀ ମା' ଘର ସମ୍ମୁଖରେ ପହଞ୍ଚି ଭାଇ ଓ ଭଉଣୀଙ୍କୁ ଅପେକ୍ଷା କରିଥିଲେ। ଟାଉନ ଥାନା ସମ୍ମୁଖରେ ଭଉଣୀ ଦେବୀ ସୁଭଦ୍ରା ଓ ରଥ ଖଲାନିକଟରେ ଭାଇ ଜଗନ୍ନାଥଙ୍କ ରଥ ଅଟକି ରହିଥିଲେ। ଶନିବାର ଜଗନ୍ନାଥ ଓ ସୁଭଦ୍ରାଙ୍କ ରଥ ଟାଣିବା ପାଇଁ ବଡଦାଣ୍ଡ ଭକ୍ତମୟ ହୋଇ ପଡିବାରୁ ଜନ ସମୁଦ୍ର ଭଳି ପ୍ରତୀତ ହୋଇଥିଲା। ଗୁଳୁଗୁଳିକୁ ଖାତିର ନ କରି ଉପସ୍ଥିତ ଶ୍ରଦ୍ଧାଳୁମାନେ ରଥାରୁଢ଼ ଠାକୁରଙ୍କ ରଥ ଦଉଡି ଟାଣିବା ଲାଗି ବ୍ୟଗ୍ରତା ପ୍ରକାଶ କରିଥିଲେ।

ଦେବୋତ୍ତର ବିଭାଗ ସମୟ ନିର୍ଘଣ୍ଟ ଅନୁସାରେ ଅପରାହ୍ନ ୨ ଟା ୩୦ ରେ ଟାଉନ ଥାନା ସମ୍ମୁଖରେ ଥିବା ସୁଭଦ୍ରାଙ୍କ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରଦ୍ଧା ଲଡୁ ଫିଙ୍ଗାଯାଇଥିଲା। ଏହି ଲଡୁ ପାଇବା ପାଇଁ ମହିଳାଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଦେଖା ଦେଇଥିଲା। ପରେ ୨ ଟା ୪୦ରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣି ଆଣିଥିଲେ। ଅପରାହ୍ନ ୩ଟା ୧୦ ରେ ଏହା ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ହରିନାମ ସଙ୍କୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠିଥିଲା ବଡଦାଣ୍ଡ। ଅପରାହ୍ନ ୩ ଟା ୫୦ ରେ ଭକ୍ତଙ୍କ ଆବେଗମୟ ଅପେକ୍ଷାର ପରିସମାପ୍ତି ଘଟିଥିଲା। ଜୟ ଜଗନ୍ନାଥ ଧ୍ୱନି ଦେଇ ସେମାନେ ବଡ ଠାକୁର ଜଗନ୍ନାଥ ରଥ ଟାଣିଥିଲେ। ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ଉପସ୍ଥିତ ଲକ୍ଷାଧିକ ଭକ୍ତଙ୍କ ଲାଗି ଶ୍ରଦ୍ଧା ଲଡୁ ବଣ୍ଟା ଯାଇଥିଲା। ରାତି ୧୧ ଟା ପରେ ରଥାରୁଢ଼ ଠାକୁରଙ୍କୁ ମାଉସୀମା ମନ୍ଦିରକୁ ପହଣ୍ଡି ବିଜେ କରାଯିବାର ସମୟ ନିର୍ଘଣ୍ଟ କରାଯାଇଛି।

ରଥ ଟଣା କାର୍ଯ୍ୟ ବେଳେ ଜିଲାପାଳ ବିନିତ ଭରଦ୍ୱାଜ, ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏସପି ଅବିନାଶ କୁମାର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ମୟୂରଭଞ୍ଜ ଏମପି ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲା ଭାଜପା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଓଡିଶା ବିଧାନସଭାର ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ଏମପି ଶୁଶିଳା ତିରିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳା ତିରିଆଙ୍କ ସମେତ ଅନ୍ୟ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ରଥ ଟାଣିଥିଲେ।

ଆସନ୍ତା ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ ଟା ରୁ ୧୧ ଟା ମଧ୍ୟରେ ତିନି ଠାକୁରଙ୍କ ବିଭିନ୍ନ ବେଶ ଦର୍ଶନ କାର୍ଯ୍ୟକ୍ରମ ରହିଛି। ୮ ତାରିଖ ରାତି ୧୦ ଟା ରୁ ୧୨ ଟା ମଧ୍ୟରେ ହେରାପଞ୍ଚମୀ ଭେଟ ଓ ୧୨ ତାରିଖ ସକାଳ ୯ ରୁ ୧୧ ମଧ୍ୟରେ ଦ୍ୱାରିକା ବେଶ ହେବ। ସେହିଦିନ ଅପରାହ୍ନ ୨ ଟା ୩୦ ରୁ ୩ ଟା ୩୦ ମଧ୍ୟରେ ଚକା ଛଡା ହୋଇ ଅପରାହ୍ନ ୫ ଟାରୁ ୮ ଟା ମଧ୍ୟରେ ଚତୁର୍ଦ୍ଧା ମୂର୍ତ୍ତି ବାହୁଡା ପହଣ୍ଡି ହୋଇ ରଥାରୁଢ଼ ହେବେ। ପରେ ପରମ୍ପରା ଅନୁଯାୟୀ ୧୩ ଓ ୧୪ ତାରିଖ ଦୁଇଦିନ ଧରି ବାହୁଡା ରଥଯାତ୍ରା ଅନୁଷ୍ଠିତ ହେବ।


ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ନେଉଛନ୍ତି।


ଜଗନ୍ନାଥଙ୍କ ରଥକୁ ଟାଣି ନେଉଛନ୍ତି ଶ୍ରଦ୍ଧାଳୁମାନେ।

- **ବଡ଼ ଦାଣ୍ଡ ପାଲଟିଲା ଜନସମୁଦ୍ର**
- **ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ଟାଣିବାକୁ ଉତ୍ସାହ**
- **ଶ୍ରଦ୍ଧା ଲଡୁ ପାଇବା ପାଇଁ ମହିଳାଭକ୍ତଙ୍କ ପ୍ରତିଯୋଗିତା**

## ଛୋଟ ପିଲାମାନେ ଟାଣିଲେ ରଥ

ବାରିପଦା ସହରର ଲାଲ ବଜାର ସ୍ଥିତ ବାଣ୍ଟିଆ ଜଗନ୍ନାଥ ମନ୍ଦିରରେ ଶନିବାର ସକାଳେ ଭକ୍ତିମୟ ପରିବେଶରେ ରଥଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ବାରିପଦା ବଡ ଜଗନ୍ନାଥ ମନ୍ଦିର ରଥ ଟଣାଯିବାର ଗୋଟିଏ ଦିନ ପରେ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ରଥ ଟଣା ଯାଇଥାଏ। ଏହି ରଥକୁ ଛୋଟ ପିଲାମାନେ ଟାଣିବାର ପରମ୍ପରା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଦିରି ଗଛର କତା**
**ହେଉପଛେ ମୋର ଛୋଟ ଘଇତା**
**ବସି କାଟୁଥିବ ସୂତା।**

ପତିବ୍ରତା ପତ୍ନୀ ଆଖିରେ ପତି ହିଁ ମହାନ୍, ଶ୍ରେଷ୍ଠ। ପତି ଛୋଟ ପଦପଦବୀରେ ଥାଇ ଯେମିତି କର୍ମ କରୁ ପଛେ ପତ୍ନୀ ଆଖିରେ ସେ ଜୀବନସର୍ବସ୍ୱ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲ ପେଟେ, ବାନ୍ଧିଲ ମୋଟେ,**
**ଚାଲିଯାଉଛ ବାଟେ ବାଟେ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ, ସଦା ଚିନ୍ତିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିରେ ଆଶା ରଖିବା ନିରର୍ଥକ। ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥ ପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରଥଯାତ୍ରା ଲାଗି କୋଷ୍ଠା ଉତ୍ସବମୁଖର

**କୋଷ୍ଠା, ୬।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୋଷ୍ଠା ଗ୍ରାମରେ ଅବସ୍ଥିତ ପୁରାତନ ଶ୍ରୀ ଶ୍ରୀ ବନବିହାରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଉତ୍ସାହ ଉଦ୍ଦୀପନାର ସହ ପାଳିତ ହେଉଛି। ଶନିବାର ରଥାରୁଢ ଦାରୁଦିଅଁ ଆଡପ ମଣ୍ଡପକୁ ବିଜେ କରିଛନ୍ତି। ରଥଯାତ୍ରା ଲାଗି ସାରା ଗାଁ ଉତ୍ସବମୁଖର ହୋଇପଡିଛି। କଥିତ ଅଛି ଯେ, ରାଜା ରାଜୁଡା ଶାସନ ସମୟରେ ଏହି ଗ୍ରାମରେ ରଥଟଣା ହେଉଥିଲା। ପରେ ରଥ ଟଣା ବନ୍ଦ ହୋଇ ଯାଇଥିଲା। ଆଜିକୁ ପ୍ରାୟ ୨୦ ବର୍ଷ ହେବ ଗ୍ରାମବାସୀଙ୍କ ଚେଷ୍ଟାରେ ରଥଟଣା ହୋଇଆସୁଛି। ଗତ ୪ ତାରିଖରେ ମୁଖ୍ୟପୂଜକ ରଣଜିତ ଅଧିକାରୀଙ୍କ ପିତାଙ୍କ ଦେହାନ୍ତ ହେବାରୁ ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଓ ଅନ୍ୟ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଗ୍ରାମର ସନ୍ତୋଷ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ଭୁବନ ପାଣିଗ୍ରାହୀ, ସଞ୍ଜୀବ ପାଣିଗ୍ରାହୀ ଏବଂ ସପନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ପୂଜାନୀତି କରାଯାଇଥିଲା। ୨ୟ ଶ୍ରୀକ୍ଷେତ୍ର ବାରିପଦା ଢାଞ୍ଚାରେ ଏଠାରେ ଦୁଇଦିନ ଧରି ରଥ ଟଣାହୋଇ ଆସୁଛି। ଏଥର ବହୁ ଭକ୍ତଙ୍କ ସମାବେଶରେ ରଥକୁ ମାଉସୀ ମା' ମନ୍ଦିରକୁ ଟାଣି ନିଆଯାଇଥିଲା। ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସହସ୍ରାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନ.ସି.ସି. ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀର ସଦସ୍ୟ ସେବା ଯୋଗାଇଥିଲେ। ମୋରଡା ବିଧାୟକ ରାଜ କିଶୋର ଦାଶ ଓ ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଏମପି ପ୍ରାର୍ଥୀ ଡଃ ଦେବାଶିଷ ମାରାଣ୍ଡି ଓ ମଳୟ କୁମାର ଜେନା ପ୍ରମୁଖ ରଥଯାତ୍ରାକୁ ଆସି ପୂଜାର୍ଚ୍ଚନା କରିଥିଲେ।

# ଏମ୍‌ପି, ବିଧାୟକଙ୍କୁ ଛଡ଼ାଗଲାନି

**ବାରିପଦା ଅଫିସ,୬।୭**

ବାରିପଦା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ମିଳିତ ଭାବେ ବହୁବାର ବୈଠକ କରିଥିଲେ ମଧ୍ୟ ରଥଯାତ୍ରା ପରିଚାଳନାରେ କେତେକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଜଗନ୍ନାଥଙ୍କ ରଥ ନନ୍ଦିଘୋଷ କଲେଜ ଛକ ନିକଟରେ ପହଞ୍ଚିଥିବା ବେଳେ ମୟୂରଭଞ୍ଜ ଏମ୍‌ପି ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ଭାଜପା ଜିଲା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ରଥ ଟାଣିବାକୁ ଆସିଥିଲେ। ହେଲେ କେତେକ ପୋଲିସ କର୍ମଚାରୀ ସେମାନଙ୍କୁ ଭିଆଇପି କର୍ଡନ ଭିତରକୁ ଛାଡି ଦେଇ ନ ଥିଲେ। ଫଳରେ ସେଠାରେ ଏମ୍‌ପି ଓ ବିଧାୟକଙ୍କ ସମର୍ଥକମାନେ ପାଟିତୁଣ୍ଡ କରିଥିଲେ। ଏ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଭିଆଇପି କର୍ଡନ ଭିତରେ କେବଳ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଉପସ୍ଥିତ ଥିଲେ। ଏଥିରୁ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ଦାୟିତ୍ୱହୀନତା ପଦାରେ ପଡିଛି ବୋଲି ଏମ୍‌ପି ଟୁଡୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି।

## ସମନ୍ୱୟ ଅଭାବ

ରଥଯାତ୍ରା ପରିଚାଳନା ବେଳେ ପୋଲିସ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ପରିଲକ୍ଷିତ ହୋଇଥିଲା। ରଥ କର୍ଡନ ଓ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ହାଲ୍‌କା ଭାବେ କାର୍ଯ୍ୟ ପରିଚାଳନା କରିବାରୁ କେତେକ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ବରିଷ୍ଠ ଅଧିକାରୀମାନେ ନିର୍ଦ୍ଦେଶ ଦେବାରେ ବ୍ୟସ୍ତ ରହିଥିଲେ। ବାରିପଦାର ଉପଖଣ୍ଡର ପୋଲିସ ଅଧିକାରୀ ଉପସ୍ଥିତ ଥିବା ସତ୍ତ୍ୱେ ଅନ୍ୟ ଉପଖଣ୍ଡରୁ ଆସିଥିବା ଜଣେ ଅଧିକାରୀ ରଥ ପରିଚାଳନାର ସମସ୍ତ ଦାୟିତ୍ୱ ତୁଲାଇବା ଘଟଣା ଏଠାରେ ଚର୍ଚ୍ଚାକୁ ଆସିଛି।

## ରଥ ଟାଣିବାକୁ ବ୍ୟାକୁଳତା

ବାରିପଦା ରଥଯାତ୍ରାର ପ୍ରଥମ ଦିନ ଅପେକ୍ଷା ଦ୍ୱିତୀୟ ଦିନ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଉନ ଥାନା ନିକଟରୁ ମାଉସା ମା' ମନ୍ଦିରକୁ ଟାଣି ନେବା ପରେ କାଳିଆ ସାଆନ୍ତେଙ୍କ ରଥକୁ ଟାଣିବା ପାଇଁ ବହୁ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ଏପରି କି ରଥ ଟାଣିବା ପାଇଁ ଉଦଘୋଷଣା ହେବା ପୂର୍ବରୁ ଶ୍ରଦ୍ଧାଳୁମାନେ ରଥ ଟାଣିବା ଆରମ୍ଭ କରିଥିଲେ। ମନା କରିବା ସତ୍ତ୍ୱେ ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଶ୍ରଦ୍ଧାଳୁମାନେ ରଥ ଟାଣବା ଉଦ୍ୟମ କରିଥିଲେ।


ରଥ କର୍ଡନ ଭିତରକୁ ନ ଛାଡିବାରୁ ମୟୂରଭଞ୍ଜ ଏମପି ବିଶେଶ୍ୱର ଟୁଡୁ ଓ ଅନ୍ୟମାନେ ଚାଲିଯାଉଛନ୍ତି।

## ପାଣି ପାଉଚରେ ଭରା ବଡ଼ଦାଣ୍ଡ

ସହରରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରିଛି ପ୍ରଶାସନ। ହେଲେ ରଥଯାତ୍ରା ବେଳେ ଲୋକଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜରି ପାଣି ପାଉଚ ବଣ୍ଟାଯାଇଥିଲା। ଏହାକୁ କୌଣସି ଅଧିକାରୀ ବିରୋଧ କରି ନ ଥିଲେ। ଲୋକେ ପାଣି ପିଇ ସାରି ବଡଦାଣ୍ଡରେ ପାଉଚ ଜରିକୁ ଫୋପାଡି ଦେଇଥିଲେ। ଏ ସମ୍ପର୍କରେ ଜଣେ ଅଧିକାରୀଙ୍କୁ ପଚାରିବାରୁ ଦେବୋତ୍ତର ବିଭାଗ ପାଣିର ବ୍ୟବସ୍ଥା କରି ନ ଥିବାରୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏହି ପାଣି ପାଉଚ ନେଇ ପିଇଥିବା କହିଛନ୍ତି।

## ଉଦ୍‌ଘୋଷକଙ୍କୁ ପ୍ରଶଂସା

ରଥଯାତ୍ରା ବେଳେ ରଥ ଟଣା ପରିଚାଳନା କରିବାର ମୁଖ୍ୟ ଦାୟିତ୍ୱ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ତୁଲାଇଥାନ୍ତି। ଶ୍ରଦ୍ଧାଳୁମାନେ ଦଉଡିକୁ କେଉଁ ଦିଗକୁ କିଭଳି ଟାଣିବେ ସେ ସମ୍ପର୍କରେ ଭାଗବତ ରଥ ଉପରେ ରହି ସୂଚନା ଦିଅନ୍ତି। ଏଥର ଶାନ୍ତି ଶୃଙ୍ଖଳାର ସହ ରଥ ଟଣା ସମାପନ ହୋଇଥିବାରୁ ଜିଲା ପ୍ରଶାସନ ଓ ଜିଲା ପୋଲିସ ତାଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କ ବଡ଼ସାହି-ବେତନଟୀ ଗସ୍ତ ଆଜି

**ବେତନଟୀ, ୬।୭ (ଡି.ଏନ୍.ଏ.)**

କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ରବିବାର ମୟୂରଭଞ୍ଜ ଜିଲା ବଡସାହି ନିର୍ବାଚନ ମଣ୍ଡଳୀ ଅଧୀନ ବେତନଟୀ ଓ ବଡସାହି ବ୍ଲକ ଅଞ୍ଚଳକୁ ଗସ୍ତରେ ଆସୁଥିବା ଜଣାପଡିଛି। ସେ ପୂର୍ବାହ୍ନ ୧୧ଟା ସମୟରେ ମୟୂରଭଞ୍ଜର ପ୍ରବେଶପଥ ବେତନଟୀ ବ୍ଲକର କଳମା ନିକଟରେ ପହଞ୍ଚି ସେଠାରୁ ବୈଶିଙ୍ଗା ଓ ବଡସାହି ବ୍ଲକର ମାଣତ୍ରୀ ଯାଇ ଅପରାହ୍ନରେ ବେତନଟୀର ଆନନ୍ଦବଜାରରେ ଥିବା ସଂସ୍କୃତି ଭବନରେ ପହଞ୍ଚିବେ। ପରେ ଆଗ୍ରିଆଗ୍ରିତ ହନୁମାନ ମନ୍ଦିର ଯାଇ ପ୍ରସାଦ ସେବନ କରିବା କାର୍ଯ୍ୟକ୍ରମ ରହିଛି। ବଡସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ବେତନଟୀ ବିଡିଓଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଚିଠି ମାଧ୍ୟମରେ ସରକାର ସୂଚନା ପ୍ରଦାନ କରିଛନ୍ତି।

# ୪ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ

**ଠାକୁରମୁଣ୍ଡା, ୬।୭(ଡି.ଏନ.ଏ.)**

ବନମହୋତ୍ସବ ପାଳନର ୬ଷ୍ଠ ଦିବସରେ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ୪ଟି ବିଦ୍ୟାଳୟରେ ସଚେତନତା ସଭା ଆୟୋଜନ ସାଙ୍ଗକୁ ଚାରାରୋପଣ କରାଯାଇଥିଲା। ଦିଗଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହାଣ୍ଡିଫୁଟା ଉଚ୍ଚବିଦ୍ୟାଳୟ ପରିସରରେ ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର କୁଅଁର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦିଗଧର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ସଭା ଓ ଚାରା ରୋପଣ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି, ଏସିଏଫ ବୈଦ୍ୟନାଥ ମାଝୀ, ତହସିଲଦାର ପ୍ରଦ୍ୟୁମ୍ନ ନାୟକ, ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର, ସିଡିପିଓ ପ୍ରେମଲତା ସେଠୀ, ଅଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ, ଶିକ୍ଷୟିତ୍ରୀ ପଦ୍ମିନୀ ପରିଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଠାକୁରମୁଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ରାଧାଶ୍ୟାମ ବେହେରା ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

**■ ନୁଦଡିହା, କପ୍ତିପଦା ଉତ୍ସବମୁଖର**

# ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ଠାକୁର

**କପ୍ତିପଦା,୬।୭(ଡ଼ି.ଏନ୍.ଏ)**

ପରମ୍ପରା ଅନୁସାରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ନୁଦଡିହା ରଥଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ଗୁଣ୍ଡିଚା ମନ୍ଦିର ବିଜେ କରିଛନ୍ତି। ପ୍ରଥମ ଦିନ ଶ୍ରୀଜୀଉ ପହଣ୍ଡି ହୋଇ ରଥକୁ ବିଜେ କରିଥିଲେ। ଏଠାରେ ଦୁଇଦିନ ଧରି ରଥ ଟଣା ଯାଇଥିଲା। ଶନିବାର ଅପରାହ୍ନ ୫ଟାରେ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଏବଂ ରଥ ଉପରେ ବ୍ରାହ୍ମଣଙ୍କ ବେଦମନ୍ତ୍ର ପାଠ ମଧ୍ୟରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଆସି ପହଞ୍ଚିବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସୁଭଦ୍ରାଙ୍କ ରଥକୁ ମହିଳାମାନେ ପିଙ୍ଗୁ ଗ୍ରାମ ସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଟାଣି ନେଇଥିଲେ। ସେଠାରେ ଠାକୁରଙ୍କର ବେଶ ସମ୍ପନ୍ନ ହେବା ପରେ ନୈବେଦ୍ୟ ଅର୍ପଣ ଓ ସନ୍ଧ୍ୟା ଆଳତି ହୋଇଥିଲା। ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସଭାପତି ସର୍ବେଶ୍ୱର ରାଉତ, ମେଘାସନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ନକୁଳ ଚନ୍ଦ୍ର ଜେନା, ପିଙ୍ଗୁ ଏବଂ ନୁଦଡିହା ଗ୍ରାମର ଯୁବକଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ରାଜାରାଜୁଡ଼ା ଅମଳରୁ ଆରମ୍ଭ ହୋଇଥିବା ଜିଲାର ସର୍ବପୁରାତନ କପ୍ତିପଦା ରଥଯାତ୍ରାରେ ଭକ୍ତମାନେ ରଥ ଉପରୁ ମିଠାଇ ଫିଙ୍ଗିବା ଦୃଶ୍ୟ ବେଶ୍ ଆକର୍ଷଣ ହୋଇ ରହିଛି। ଏଠାରେ ପ୍ରଥମ ଦିବସରେ କିଛି ବାଟ ରଥ ଟଣା ଯାଇଥିବାବେଳେ ଦ୍ୱିତୀୟ ଦିବସରେ ସିନେମା ହଲ ଛକ ଓ ତୃତୀୟ ଦିବସରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା। ପୋଲିସବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ରାଜପରିବାର ସଦସ୍ୟ ହରୀଶ ଚନ୍ଦ୍ର ସାଏ, ସୁବାସ ଚନ୍ଦ୍ର ସାଏ ଓ ବ୍ରାହ୍ମଣ ମଣ୍ଡଳୀ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ଆଣି ରଥାରୂଢ଼ କରାଇଥିଲେ। ପୂଜକ ବିଜୟ କୁମାର ପଣ୍ଡା, ପ୍ରମୋଦ କୁମାର ଦାଶ, ସୂର୍ଯ୍ୟନାରାୟଣ ଦାଶ, ଅଂଶୁମାନ ଦାଶ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ପହଣ୍ଡି କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା କମିଟିର ମୁଖ୍ୟ ବନମାଳୀ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ଦିଗାମ୍ବର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

BUSINESS

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
9078842412

FINANCE

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାର କାର୍ଡ ଏବଂ ସବୁ ପ୍ରକାର
ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ
ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 50,000/- ଟଙ୍କା
ପାଆନ୍ତୁ। ୧ ଚାକିରି + ବାଇକ୍
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ
ପର୍ସନାଲ, ବିଜନେସ୍,
କୃଷି, ବ୍ୟବସାୟ,
ସମ୍ପତି, କୁକୁଡାପାଳନ,
ଇଟାଭାଟି, ଆଧାର
କାର୍ଡ, ରାସନ କାର୍ଡ,
ଆଦି ସମସ୍ତ ଋଣ
ବେରୋଜଗାର ଓ
ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ
ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/-, ଭଡା 50,000/-
ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ
ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ
+ ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



DHARITRI
Career appointment
Every Wednesday and Saturday

## ସଂକ୍ଷେପରେ

### ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

**ରେମୁଣା, ୬।୭(ଡି.ଏନ.ଏ.):** ରେମୁଣା ବ୍ଲକ ମହାରାଜପୁର ପଞ୍ଚାୟତସ୍ଥିତ ଥିବା ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ପ୍ରାଙ୍ଗଣରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଞ୍ଜନ କୁମାର ଲେଙ୍କା ଉଦ୍‌ଘାଟନ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ବସନ୍ତ କୁମାର ପାଣିଗ୍ରାହୀ ଏବଂ 'ଓସଡ଼ମା' ତରଫରୁ ମୋବିଲାଇଜର ଲକ୍ଷ୍ମୀଧର ଗେଡ଼ି, ପ୍ରଶିକ୍ଷକ ଭବାନୀ ଶଙ୍କର ବେହେରା, ଗୋବିନ୍ଦ ମଲିକ ଉପସ୍ଥିତ ରହି ବନ୍ୟା, ବାତ୍ୟା, ସୁନାମି ଆଦି ବିପର୍ଯ୍ୟୟର ମୁକାବିଲା କିପରି କରାଯାଇପାରିବ ବୋଲି କହି କୌଶଳ ଦେଖାଇଥିଲେ।

### ୬ ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା/ନୀଳଗିରି, ୬।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଅବକାରୀ ବିଭାଗ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଓ ଶନିବାର ଚଢ଼ାଉ କରାଯାଇ ୬ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବସ୍ତା ଥାନା ନଳବାହାର ଗ୍ରାମର ଗଣେଶ୍ୱର ମାଝି, ସୁନ୍ଦରହଟା ଗ୍ରାମର କ୍ରିଷ୍ଣା ବିଦ୍ଧାଣୀ, ନରଣପୁର ଗ୍ରାମର ସମ୍ଭାରୀ ସିଂ, ନୀଳଗିରି ବ୍ଲକ ବାବନ୍ଧ ଗାଁର ନିରଞ୍ଜନ ବେହେରା, କାଠପାଲ ଗାଁର ଜଳଧର ମହାନ୍ତି ଓ ମଞ୍ଜୁଆ ଗାଁର ଶାନ୍ତି ଦାସ। ସେମାନଙ୍କଠାରୁ ମୋଟ ୯୬ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ବସ୍ତା ଅବକାରୀ ନିରୀକ୍ଷକ ଅମ୍ପା ମାରାଣ୍ଡିଙ୍କ ନେତୃତ୍ୱରେ ଚଢାଉ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ୩ ପୃଥକ ମାମଲା (ନଂ. ୩୭/୧୯-୨୦, ୩୮/୧୯-୨୦ ଓ ୩୯/୧୯-୨୦) ରୁଜୁ ହୋଇ କୋର୍ଟଚାଲାଣ କରାଯାଇଛି। ସେହିପରି ନୀଳଗିରି ଅବକାରୀ ବିଭାଗରେ ପିଆର (ନଂ. ୪୮/୧୯, ୬୩/୧୯ ଓ ୬୪/୧୯) ରୁଜୁ କରାଯାଇ ବେପାରୀଙ୍କୁ କୋର୍ଟରେ ହାଜର କରାଯାଇଛି।

### ଜମି ବିବାଦରୁ ମରଣାନ୍ତକ ଆକ୍ରମଣ, ଜଣେ ଗୁରୁତର

**ବାହାନଗା, ୬।୭(ଡି.ଏନ.ଏ.):** ବାହାନଗା ବ୍ଲକ କଲ୍ୟାଣି ଗ୍ରାମର ଦୁଇ ପରିବାର ମଧ୍ୟରେ ଶନିବାର ଜମିବାଡ଼ି ଗଣ୍ଡଗୋଳକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। କଲ୍ୟାଣି ଗ୍ରାମର ଶଶିକାନ୍ତ ଜେନା(୩୫) ସେହି ଗ୍ରାମର ନବକିଶୋର ବିଶ୍ୱାଳଙ୍କଠାରୁ ଏକ ଜମି କିଣିଥିଲେ। ଜମିର ୩ ଦିଗରେ ଗ୍ରାମର କରୁଣାକର ବିଶ୍ୱାଳଙ୍କ ଜମି ଥିବାରୁ ସେ ବାଡ ଘେରାନ୍ତି। ଶନିବାର କରୁଣାକର ବାଡ଼ ଘେରିବା ବେଳେ ଜମିର ସୀମା ଅତିକ୍ରମ କରି ବାଡ ଘେରାଉ ଥିବାରୁ ଶଶିକାନ୍ତ ବିରୋଧ କରିଥିଲେ। ଏଥିରେ କରୁଣାକରଙ୍କ ସମେତ ତାଙ୍କର ଦୁଇପୁଅ ପ୍ରସନ୍ନ ଓ ରଞ୍ଜନ ଉତ୍ତ୍ୟକ୍ତ ହୋଇ ଶଶିକାନ୍ତଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଶଶିକାନ୍ତଙ୍କ ପିଠିରେ କିଛି ଅଂଶ ହାଣି ହୋଇଯାଇଛି। ଶଶିକାନ୍ତଙ୍କ ସ୍ତ୍ରୀ ପହଞ୍ଚି ଆକ୍ରମଣକାରୀଙ୍କ କବଳରୁ ସ୍ୱାମୀଙ୍କୁ ଛଡ଼ାଇବା ବେଳେ ତାଙ୍କ ପ୍ରତି ମଧ ଅସଦାଚରଣ ସହ ଜୀବନରୁ ମାରିଦେବା ପାଇଁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗୋପାଳପୁର ଫାଣ୍ଡି ଅଧିକାରୀ ଅଭିଯୋଗ ପାଇବା ପରେ ତଦନ୍ତ ଚଳାଇଛନ୍ତି।



ମାଉସୀ ମା' ମନ୍ଦିର ନିକଟରେ ଶ୍ରୀଜୀଉଙ୍କ ରଥ ପହଞ୍ଚିଛି।

# ମାଉସୀମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି

**ନୀଳଗିରି, ୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିର ଶ୍ରୀଜୀଉ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଶେଷ କରି ଶନିବାର ବଡ଼ଦାଣ୍ଡରେ ଆସି ମାଉସୀମା' ମନ୍ଦିରରେ ବିଜେ କରିଛନ୍ତି। ମାଉସୀମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ବାହୁଡ଼ା ପର୍ଯ୍ୟନ୍ତ ରହି ଲୀଳାଖେଳା କରିବେ।

ରବିବାରଠାରୁ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ସହକାରୀ ପୂଜକ ହରିବନ୍ଧୁ କର କହିଛନ୍ତି। ଭକ୍ତଙ୍କ ଗହଳରେ ବଡ଼ଦାଣ୍ଡରେ ଆସି ଅଧା ବାଟରେ ଅଟକିଥିବା ଶ୍ରୀଜୀଉ ଅପରାହ୍ନରେ ରଥ ପରିଚାଳନା ଦାୟିତ୍ୱ ତୁଲାଇଥିଲେ ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା। ସେ ଭକ୍ତଙ୍କୁ ରଥ ଟାଣିବା ପାଇଁ ନିର୍ଦ୍ଦେଶ ଦେବା ପରେ ହରିବୋଲ, ହୁଳହୁଳି, ଭଜନକୀର୍ତ୍ତନ, ଶଙ୍ଖଧ୍ୱନିରେ ବଡ଼ଦାଣ୍ଡ ଉଚ୍ଛୁଳି ପଡ଼ିଥିଲା। ଶ୍ରୀଜୀଉଙ୍କ ରଥ ଟାଣିବା ପାଇଁ ଭକ୍ତଙ୍କ ଭିତରେ ଟଣାଭିଡ଼ା ଲାଗି ରହିଥିଲା। ରଥରେ ବିଜେ ଶ୍ରୀଜୀଉ ଭକ୍ତଙ୍କ ଗହଳରେ ବଡ଼ଦାଣ୍ଡରେ ଆସି ମାଉସୀମା' ମନ୍ଦିର ନିକଟରେ ଅଟକିଥିଲେ। ରଥ ନିକଟରେ ଯଥା ରୀତିନୀତିରେ ଶ୍ରୀଜୀଉଙ୍କୁ ଆଦିସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆଦିସେବକ ଛେରାପହଁରା କରିବା ପରେ ପହଣ୍ଡିଆମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଚତୁଃପାର୍ଶ୍ୱରେ ପହଣ୍ଡି କରାଇ ମାଉସୀମା' ମନ୍ଦିରର ସିଂହାସନ ବିଜେ କରାଇଥିଲେ। ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୫ ପ୍ଲାଟୁନ ପୋଲିସଫୋର୍ସ ନିୟୋଜନ କରାଯାଇଥିଲା। ୧୫ଜଣ ଅଧିକାରୀ ସାମିଲ ଥିଲେ। ଏହି ଅବସରରେ ଜିଲା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ଉପଜିଲାପାଳ ଦାୟିତ୍ୱରେ ଥିବା ନୀଲୁ ମହାପାତ୍ରଙ୍କ ସମେତ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧି ରଥଟଣାରେ ସାମିଲ ଥିଲେ। ସନ୍ଧ୍ୟାରେ ପ୍ରଦର୍ଶନୀ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ଦାସ କହିଛନ୍ତି।

# ପୋଷ୍ଟମାଷ୍ଟର ୩ ଘଣ୍ଟା ଅଟକ

**ବାହାନଗା, ୬।୭(ଡି.ଏନ.ଏ.)**

ବାହାନଗା ବ୍ଲକ ଚକଜଗନ୍ନାଥପୁର ଗ୍ରାମର ଥିବା ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟରଙ୍କୁ ରେମୁଣା ବ୍ଲକ କୁଲିଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ତାଙ୍କ ପରିବାର ଲୋକମାନେ ୩ ଘଣ୍ଟା କାଳ ଅଟକ ରଖିଥିଲେ। ଖନ୍ତାପଡା ଥାନା ପୋଲିସ ରାତି ୮ଟାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ତେବେ ଉଦ୍ଧାର ପରେ ପୋଷ୍ଟମାଷ୍ଟର ଜଣକ ଖନ୍ତାପଡା ଥାନାରେ ପୂର୍ବତନ ସରପଞ୍ଚ ଓ ତାଙ୍କ ସ୍ୱାମୀ ତଥା ବର୍ତ୍ତମାନର ସରପଞ୍ଚଙ୍କ ନାମରେ ଅଭିଯୋଗ କରିଛନ୍ତି।

ଚକଜଗନ୍ନାଥପୁର ପୋଷ୍ଟ ଅଫିସର ପୋଷ୍ଟମାଷ୍ଟର ଭାବେ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ପ୍ରିୟବ୍ରତ ରାଉତ ଶନିବାର ଅପରାହ୍ନ ୪ଟାରେ ଏକ ସରକାରୀ ଚିଠି ଧରି କୁଲିଗାଁ ପଞ୍ଚାୟତର ସରପଞ୍ଚ ଜନାର୍ଦ୍ଦନ ଦାସଙ୍କ ବେଠୀପୁର ଗ୍ରାମର ଘରକୁ ଯାଇଥିଲେ। ତେବେ ଘରେ ସରପଞ୍ଚ ଜନାର୍ଦ୍ଦନ ନ ଥିବା ବେଳେ ତାଙ୍କ ସ୍ତ୍ରୀ ତଥା ପଞ୍ଚାୟତର ପୂର୍ବତନ ସରପଞ୍ଚ ସବିତା ଦାସ ଓ ତାଙ୍କ ଝିଅ ଥିଲେ। ସେ ଚିଠିଟି ଦେବା ସୁଯୋଗରେ ଟଣାଓଟରା କରିଥିବା ସବିତା ପ୍ରକାଶ କରିଛନ୍ତି। ସ୍ୱାମୀ ଘରେ ନ ଥିବାରୁ ସେ ଚିଠିକୁ ନେବେ ନାହିଁ ବୋଲି କହିବାରୁ ପୋଷ୍ଟମାଷ୍ଟର ଜବରଦସ୍ତ ଏକ କାଗଜରେ ଦସ୍ତଖତ କରିନେବାରୁ ଆମେ ତାଙ୍କୁ ଅଟକ ରଖିଥିଲୁ ବୋଲି ସବିତା ପ୍ରକାଶ କରିଛନ୍ତି। ସେହିପରି ଉଦ୍ଧାର ପରେ ପୋଷ୍ଟମାଷ୍ଟର ପ୍ରିୟବ୍ରତ ଖନ୍ତାପଡା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ ପୂର୍ବତନ ସରପଞ୍ଚ କିମ୍ବା ତାଙ୍କ ସ୍ୱାମୀ କୌଣସି ଅଭିଯୋଗ ଥାନାରେ କରି ନ ଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

# ପାଚିକା, ସହାୟିକା ସଂଘର ବିକ୍ଷୋଭ

**ବସ୍ତା, ୬।୭(ସ୍ୱ.ପ୍ର.)**

ଓଡିଶା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘ ବସ୍ତା ବ୍ଲକ ତରଫରୁ ସମସ୍ତ କାର୍ଯ୍ୟରତ ପାଚିକାମାନେ ୧୧ ଦଫା ଦାବି ନେଇ ଶନିବାର ବିଇଓ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ପାଚିକା ବସ୍ତା ରେଳ ଷ୍ଟେଶନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବିଇଓ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

ଓଡିଶା ପାଚିକା ଓ ସହାୟିକା ସଂଘ ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ରାଧାରମଣ ଷଡ଼ଙ୍ଗୀ, ଜିଲା ସଂଘ ସଭାନେତ୍ରୀ ଇଷାନୀ ଷଡ଼ଙ୍ଗୀ, ବସ୍ତା ବ୍ଲକ ସଭାନେତ୍ରୀ ବିନୋଦିନୀ ପଣ୍ଡା, ବାଲିଆପାଳ ବ୍ଲକ ସଙ୍ଗଠକ ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେବା ସହିତ ବିଇଓଙ୍କ ସହ ସେମାନଙ୍କ ଦାବି ଥିବା ଦରମା ବୃଦ୍ଧି ସହିତ ପ୍ରତିମାସର ନିୟମିତ ଦରମା ପ୍ରଦାନ, ଦୁଇ ଯୋଡ଼ା ଲେଖାଏଁ ଶାଢ଼ୀ, ବାକି ରହିଥିବା ଦରମା ପ୍ରଦାନ, ଅବସରକାଳୀନ ସମୟସୀମା ବୃଦ୍ଧି, ବେଆଇନ ବହିଷ୍କାର ରଦ୍ଦ ସହ ବହିଷ୍କୃତ ପାଚିକାଙ୍କ ପୁନଃ ଥଇଥାନ ଓ ଖାଦ୍ୟ ଘରୋଇ କରଣ ବନ୍ଦ କରିବା ଆଦି ଅନ୍ତର୍ଭୁକ୍ତ। ବିଭିନ୍ନ ଦାବିନେଇ ବିଇଓଙ୍କ ସହ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୨୨ ତାରିଖରେ ବିଧାନସଭା ଘେରାଉ ପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।




ପାଚିକା ଓ ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।



# ରଙ୍ଗୋଲିରେ ଜଗନ୍ନାଥ

**ବାଲେଶ୍ୱର ଅଫିସ, ୬।୭:** ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗରର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ରଥ ଉତ୍ସବର ଦ୍ୱିତୀୟ ଦିନରେ ଶନିବାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରସ୍ଥିତ ଭଜନ ମଣ୍ଡପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା କଳାକାରଙ୍କ ଦ୍ୱାରା ରଙ୍ଗୋଲି କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଅପରାହ୍ନ ୬ଟାରୁ ୭ଟା ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରସ୍ଥ ମେଳା ପଡ଼ିଆରେ ମା' ଭଗବତୀ ସଂକୀର୍ତ୍ତନ ମଣ୍ଡଳୀ, ନରସିଂହପୁର ଓ ଦଧିବାମନ କୀର୍ତ୍ତନମଣ୍ଡଳୀ, ଆରପଟା ମଧ୍ୟରେ ହରିନାମ ପ୍ରତିଯୋଗିତା ଦେଖି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଥିଲେ। ସନ୍ଧ୍ୟା ୭ରୁ ସାଢେ ୮ଟା ପର୍ଯ୍ୟନ୍ତ ବୃନ୍ଦାବନସ୍ଥିତ ବିଶିଷ୍ଟ କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ୍ର ଆଧାରିତ ଚିତ୍ତାକର୍ଷକ ରାସଲୀଳା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ମୁଖ୍ୟ ଆକର୍ଷଣ ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା, ସ୍ଥାନୀୟ କାଗଜକଳର ମୁଖ୍ୟ ସଂଚାଳକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ୍ କୁମାର ଖୈତାନ୍, ବରିଷ୍ଠ ଉପସଭାପତି ଆଶିଷ୍ ଏ. ଗୁପ୍ତା ତଥା ମନ୍ଦିର ପ୍ରଶାସନର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ସିଂହସାମନ୍ତ, ମନ୍ଦିରର ମୁଖ୍ୟପୂଜକ ପ୍ରଦୀପ୍ତ କୁମାର ମିଶ୍ର ଓ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଜଗନ୍ନାଥ ମନ୍ଦିର ଭଜନ ମଣ୍ଡପରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରଙ୍ଗୋଲି।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**ବାଲିଆପାଳ, ୬।୭(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରୁ ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବେଳେ ଶୁକ୍ରବାର ରାତିରେ ସ୍ଥାନୀୟ ଯୁବକମାନେ ଗୋଟିଏ ପିକ୍‌ଅପ୍ ସମେତ ୩୫ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ଦୁଇଟି ପିକଅପ ସେଠାରୁ ଫେରାର ହୋଇଯାଇଛି। ଶୁକ୍ରବାର ମଧ୍ୟରାତ୍ରିରେ ୩ ପିକଅପ୍ ଭ୍ୟାନ୍‌ରେ ଗୋରୁଙ୍କୁ ଅସୁରକ୍ଷିତ ଅବସ୍ଥାରେ ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ସିମୁଳିଆଠାରେ ଯୁବନେତା ଦିବ୍ୟକାନ୍ତ ମହାନ୍ତି ଓ ତାଙ୍କର ସାଥୀ ସୁଜୟ ପରିଡ଼ା, ଭଗିରଥ ଦତ୍ତ, ମନୁରଞ୍ଜନ ଦାସ, ଅଞ୍ଜନ ସିଂ ଓ ବିକେଲ ପାତ୍ର ପ୍ରମୁଖ ଦେଖି ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇଥିଲେ। ଘଟଣାସ୍ଥଳରୁ ଅନ୍ୟ ଦୁଇଟି ପିକ୍‌ଅପ୍ ପଳାଇ ଯିବାକୁ ସକ୍ଷମ ହୋଇଥିଲେ। ମୁମୂର୍ଷୁ ଅବସ୍ଥାରେ ୩୫ ଗୋରୁଙ୍କୁ ଉଦ୍ଧାର କରାଯାଇ ପୋଲିସକୁ ଖବର ଦିଆଯାଇଥିଲା।

## 'ଘରଡିହ ପଟ୍ଟା ନ ଦେଲେ ଆନ୍ଦୋଳନ'

### ଜଳେଶ୍ୱର ବିକାଶ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

**ରୂପ୍‌ସା, ୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବିକାଶ ମଞ୍ଚ ପକ୍ଷରୁ ଶନିବାର ବସ୍ତା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବସ୍ତା ବ୍ଲକ ଅଧୀନ ଜଳେଶ୍ୱର ନିର୍ବାଚନମଣ୍ଡଳୀର ୧୪ଟି ପଞ୍ଚାୟତର ଭୂମିହୀନ ପରିବାରକୁ ସରକାରୀ ଘରଡ଼ିହ ପଟ୍ଟା ଯୋଗାଇ ଦିଆ ନ ଗଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

୨୦୧୭ ନଭେମ୍ବରରୁ ବିକାଶ ମଞ୍ଚର କର୍ମକର୍ତ୍ତା ଭୂମିହୀନଙ୍କୁ ୪ ଡ଼ିସିମିଲ ଲେଖାଏ ଘରଡ଼ିହ ପଟ୍ଟା ଯୋଗାଇ ଦେବା ପାଇଁ ଦାବି କରିଆସୁଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ବିଡ଼ିଓଙ୍କ ସମେତ ତହସିଲଦାରଙ୍କୁ ବାରମ୍ବାର ଦାବିପତ୍ର ଦେଇଥିଲେ। ବିଭିନ୍ନ ସମୟରେ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭୂମିହୀନ ପରିବାରଙ୍କ ସହ ମଞ୍ଚର କର୍ମକର୍ତ୍ତା ଆନ୍ଦୋଳନ କରିଥିଲେ। ଗତ ୨୦୧୮ ନଭେମ୍ବର ୯ତାରିଖରେ ଜଳେଶ୍ୱର ତହସିଲ ସମ୍ମୁଖର ବିକାଶ ମଞ୍ଚ ଆହ୍ୱାନକ୍ରମେ ଅହୋରାତ୍ର ଧାରଣା ଦିଆଯାଇଥିଲା। ଉପଜିଲାପାଳ ଧାରଣାସ୍ଥଳରେ ପହଞ୍ଚି ୩ ମାସ ମଧ୍ୟରେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ୍ ଭୂମିହୀନଙ୍କୁ ସରକାରଙ୍କ ପଟ୍ଟା ପ୍ରଦାନ ଯୋଜନାର ସଫଳ ରୂପାୟନ ହେଉ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ତୁରନ୍ତ ଭୂମିହୀନଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ କରିବା ସହ ଭୂମିହୀନ ପରିବାର ପିଲାଙ୍କ ପାଠ ପଢ଼ିବା ପାଇଁ ଜାତିଗତ ପ୍ରମାଣପତ୍ର ଯୋଗାଇବା ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ମଞ୍ଚର ସଭାପତି ସୁଦର୍ଶନ ଦାସ, ସମ୍ପାଦକ ସଂଗ୍ରାମ କେଶରୀ ବେହେରା, ରବୀନ୍ଦ୍ର କୁମାର ଜେନା, ଗୌରୀଶଙ୍କର ଜେନା ଓ ରବୀନ୍ଦ୍ର ଭଞ୍ଜଙ୍କ ସମେତ ୧୪ଟି ପଞ୍ଚାୟତର ଭୂମିହୀନ ପରିବାର ଚେତାବନୀ ଦେଇଛନ୍ତି।

## ଶାଳ ଚଉଥ ଜବତ, ଜଣେ କୋର୍ଟଚାଲାଣ

**ଖଇରା, ୬।୭(ଡି.ଏନ.ଏ.)**

କୁପାରୀ ବନବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ସୋର-କୁପାରୀ ରାସ୍ତାର ତୋରାଣିପଦା ଛକ ନିକଟରେ ଚଢ଼ାଉ କରାଯାଇ ୩ କାଠ ବ୍ୟବସାୟୀଙ୍କଠାରୁ ୬ ପିସ୍ ଶାଳ ଚଉଥ, ୩ଟି ସାଇକେଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ପାଇକପଡ଼ା ଗ୍ରାମର ଅନାଦି ବେହେରା। ୩ଟି ସାଇକେଲରେ ଏହି କାଠ ନିଆଯାଉଥିବା ବେଳେ ଖବରପାଇ ବନବିଭାଗ ପହଞ୍ଚିଥିଲା। ଅନ୍ୟ ଦୁଇଜଣ ଦୌଡ଼ି ପଳାଇଯାଇଥିବା ବେଳେ ଜଣକୁ କାବୁ କରାଯାଇଥିଲା। ସୋର ରେଞ୍ଜର ଲକ୍ଷ୍ମଣ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ ସାହୁ, ଗାର୍ଡ଼ ସଞ୍ଜୟ ମହାନ୍ତି ଓ ସବୁଜବାହିନୀ ସଦସ୍ୟ ରତ୍ନାକର ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

## ବେଗୁନିଆ ସ୍କୁଲରେ ବନମହୋତ୍ସବ



ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କର ସଚେତନତା ଶୋଭାଯାତ୍ରା।

**ଖଇରା, ୬।୭(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ବେଗୁନିଆ ୟୁଜିୟୁପି ସ୍କୁଲରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଶିକ୍ଷକ ଏକ ଶୋଭାଯାତ୍ରା ପରିବେଶ ସଂକ୍ରାନ୍ତରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପରେ ପ୍ରଧାନଶିକ୍ଷକ କମଳାକାନ୍ତ ସେଣ୍ଠଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଣ୍ଠ, ଜଳଙ୍ଗ-ଗଣ୍ଡିବେଡ ସିଆରସିସି ସୁବାଷ ଚନ୍ଦ୍ର ବେହେରା ତଥା ପରିଚାଳନା କମିଟି ସଭ୍ୟାସଭ୍ୟ ଅତିଥି ଭାବେ ଯୋଗଦେଇ ଗଛ ଲଗାଇବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟ ହତାରେ ଓ ସ୍କୁଲ ସଂଲଗ୍ନ ରାସ୍ତା କଡରେ ଚାକୁଣ୍ଡା, ବଉଳ ଆଦି ଚାରା ରୋପଣ କରାଯାଇଥିଲା।

■ ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

# 'ମାସକ ମଧ୍ୟରେ ୧୫ହଜାର ସଭ୍ୟ ସାମିଲ ହେବେ'

**ଜଳେଶ୍ୱର, ୬।୭(ଡି.ଏନ.ଏ.)**



ନୂତନ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରାଯାଉଛି।

ସର୍ବଭାରତୀୟ ସ୍ତରରେ ଭାଜପାର ନୂତନ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପାନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବଡ଼ବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ୨ଶହରୁ ଊର୍ଦ୍ଧ୍ୱ ନୂତନ ସଦସ୍ୟଙ୍କୁ ସାମିଲ କରାଯାଇଛି। ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୯ ଗ୍ରାମପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଧୀନ ୧୭ଟି ୱାର୍ଡ଼ରୁ ସମୁଦାୟ ୧୫ହଜାରରୁ ଊର୍ଦ୍ଧ୍ୱ ଯୁବ, ମହିଳା ଏବଂ ପୁରୁଷଙ୍କୁ ନୂତନ ସଭ୍ୟ ଭାବେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନେତା ଜୟନାରାୟଣ କହିଛନ୍ତି। ସେ ଦଳର ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରି ଆସନ୍ତା ପୌର ନିର୍ବାଚନରେ ଜଳେଶ୍ୱର ମ୍ୟୁନିସିପାଲିଟି ଦଖଲ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଉପସ୍ଥିତ ଶତାଧିକ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ନଗର ସଭାପତି ଧ୍ରୁବଚରଣ ପାଳ, ନେତା ଅଭିଜିତ୍ ପ୍ରଧାନ, ଯୁବନେତା ଦିବ୍ୟକାମ ମହାନ୍ତି, ସୁଧାଂଶୁ ଶେଖର ଘୋଷ, ବିଶ୍ୱରୂପ ଦାସ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ମହାନ୍ତି, ଶାନ୍ତନୁ ପଟ୍ଟନାୟକ, ମାନସ ଦାସମହାପାତ୍ର, ଜୟକୃଷ୍ଣ ଅଣ୍ଡିଆ, ନିତ୍ୟାନନ୍ଦ ଦାସ, ଅନନ୍ତ ବିଶ୍ୱାଳଓ ସବିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ରୋଟାରୀ କ୍ଲବର ଯୁଗ୍ମ ପ୍ରତିଷ୍ଠାନ ଦିବସ

# 'ସମାଜ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ'

**ବାଲେଶ୍ୱର ଅଫିସ, ୬।୭**

ବାଲେଶ୍ୱର ରୋଟାରୀ କ୍ଲବ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଯୁଗ୍ମ ପ୍ରତିଷ୍ଠାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ପଦାଧିକାରୀ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ଦିବସବ୍ୟାପୀ କ୍ଲବ ପକ୍ଷରୁ ସଦସ୍ୟମାନଙ୍କ ଦ୍ୱାରା ଖପରାପଦାସ୍ଥିତ ଏକ ଘରୋଇ ଇଂଲିଶ ମିଡ଼ିୟମ ସ୍କୁଲ ପରିସରରେ ବୃକ୍ଷରୋପଣ, ପୁସ୍ତକ ବଣ୍ଟନ କରିବା ସହ କ୍ଲବର ପୋଷ୍ୟଗ୍ରାମର ନୂଆନଇ ଆଶ୍ରମ ସ୍କୁଲରେ ରନ୍ଧାଖାଦ୍ୟ ବଣ୍ଟନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସନ୍ଧ୍ୟାରେ ଆୟୋଜିତ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରିଆନ୍ ଡିଜି ଦେବାଶିଷ ମିଶ୍ର ଏବଂ ସମ୍ମାନନୀୟ ଅତିଥି ଭାବରେ ୨୦୨୦-୨୧ ବର୍ଷର ନିର୍ବାଚିତ ରୋଟାରୀ ଗଭର୍ନର ଶାନ୍ତନୁ କୁମାର ପାଣି ଯୋଗଦେଇ ସମାଜ କଲ୍ୟାଣ ପାଇଁ ରୋଟାରିଆନ୍‌ମାନଙ୍କର ଭୂମିକା ଉପରେ ଆଲୋଚନା କରିବା ସହ ଅନୁଷ୍ଠାନ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ଅବସରରେ ବିଦାୟୀ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂ ଓ ସମ୍ପାଦକ ବିଶ୍ୱଦୀପ ପଣ୍ଡାଙ୍କଠାରୁ ନୂତନ ସଭାପତି ରୋଟାରିଆନ ଡ. ମାତୃଦତ୍ତ ଦାସ ଓ ସମ୍ପାଦକ ରୋଟାରିଆନ ଉମାକାନ୍ତ ମିଶ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଇନରହୁଇଲ୍ କ୍ଲବର ଡ. ସୌମ୍ୟା ସୁରତି ବେହେରା ସଭାପତି ଓ ବୀଣା ଗାୟନ ସମ୍ପାଦକ ଭାବରେ ଚଳିତବର୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟ୍ରାକ୍ଟ କ୍ଲବର ସଭାପତି ଏସ୍.କେ. ଆର୍ସଦ କାଦ୍ରି, ସମ୍ପାଦକ ରାଜେଶ ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ଏହି ଅବସରରେ କ୍ଲବର ବାର୍ଷିକ ପତ୍ରିକା 'ରେଞ୍ଜର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନୂତନ ଭାବରେ ସଦସ୍ୟ ପଦ ଗ୍ରହଣ କରିଥିବା ଅରୂପ କୁମାର ଦେ ଓ ସନ୍ତୋଷ କୁମାର ନାହାକ ମୁଖ୍ୟଅତିଥିଙ୍କ ଦ୍ୱାରା କ୍ଲବର ନୀତିଗତ ସତ୍ୟପାଠ କରିଥିଲେ। ବରିଷ୍ଠ ରୋଟାରିଆନ୍ ସୁବ୍ରତ କର, ଭାବଗ୍ରାହୀ ମହାନ୍ତି, ଯଶୋଦା ନନ୍ଦନ ଆସ୍, ନିକୁଞ୍ଜ ମହାନ୍ତି, ପଦାରବିନ୍ଦ ମହାପାତ୍ର, ପରେଶ କୁମାର ଗାଏନ, ଦେବେନ୍ଦ୍ର ଧଳ, ପ୍ରଦୀପ୍ତ ପଣ୍ଡା, ଡା. ଅମିତାଭ ଗିରି, ମନୋଜ ପାଢ଼ୀ, ବିକ୍ରମଜିତ୍ କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ରୋଟାରୀ କ୍ଲବର ଯୁଗ୍ମ ପ୍ରତିଷ୍ଠାନ ଦିବସରେ ସଦସ୍ୟମାନେ।

## ସଂକ୍ଷେପରେ

### ହଷ୍ଟେଲ ଫାଟକରେ ତାଲା, ଉତ୍ତେଜନା

**ଭଦ୍ରକ ଅଫିସ, ୬।୭:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସେଣ୍ଟ୍ରାଲ ହଷ୍ଟେଲରେ ଶନିବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଥିଲା। ଛାତ୍ରମାନେ ହଷ୍ଟେଲ ଫାଟକରେ ତାଲା ପକାଇ ସୁପରିଟେଣ୍ଡେଣ୍ଟଙ୍କ ବଦଳି ଦାବି କରିଥିଲେ। ରିପୋର୍ଟ ଲେଖା ଯିବା ସୁଦ୍ଧା ହଷ୍ଟେଲରେ ହୋହଲ୍ଲା ଜାରି ରହିଥିଲା।

### ବାହୁଡ଼ା ଯାତ୍ରା ପାଇଁ ବାରିପଦାରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ

**ବାରିପଦା ଅଫିସ,୬।୭:** ପୁରୀରେ ଆସନ୍ତା ୧୨ ତାରିଖରେ ବାହୁଡ଼ା ରଥଯାତ୍ରା ଲାଗି ବାରିପଦାରୁ ପୁରୀ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ ଚଲାଇବାଲାଗି ଦକ୍ଷିଣ ପୂର୍ବ ରେଳପଥ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହି ସ୍ୱତନ୍ତ୍ର ଟ୍ରେନ ୧୧ ତାରିଖ ରାତି ୧୧ ଟା ୫୦ ରେ ବାରିପଦା ସ୍ଥିତ ଭପୁର ଷ୍ଟେଶନ ଛାଡ଼ିବ । ୧୨ ତାରିଖ ସକାଳ ୭ ଟା ବେଳେ ପୁରୀରେ ପହଞ୍ଚିବ। ସେହିପରି ୧୨ ତାରିଖ ରାତି ୧୧ ଟା ୫୫ ରେ ପୁରୀଠାରୁ ଯାତ୍ରା ଆରମ୍ଭ କରି ଏହା ୧୩ ତାରିଖ ସକାଳ ୬ ଟା ୫୦ ରେ ବାରିପଦାରେ ପହଞ୍ଚିବ। ଏହି ଟ୍ରେନରେ ୧୦ ଟି ଅଣସଂରକ୍ଷିତ ରହିଥିବା ଜଣାପଡିଛି।

### ଫଳ, ଔଷଧୀୟ ଗଛ ଲଗାଇଲେ ଛାତ୍ରୀଛାତ୍ର



**ବଡ଼ସାହି,୬।୭(ସ୍ୱ.ପ୍ର.)**-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ବନ ବିଭାଗ ଓ ଆପେକ୍ସ କମିଟି ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅସନ୍ତୁଳିତ ପରିବେଶ, ଉତ୍ତପ୍ତ ବାୟୁ ମଣ୍ଡଳ ଓ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ପ୍ରତ୍ୟେକ ଲୋକ ଗୋଟିଏ ଲେଖାଏ ଗଛ ଲଗାଇବା ଦରକାର ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଫଳ, ଔଷଧୀୟ ଗଛ ରୋପଣ କରିଥିଲେ। ସବୁଜ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ବାଡିବଗିଚାରେ ଗୋଟିଏ ଲେଖାଏଁ ଫଳ ଗଛ ଲଗାଇବାକୁ ବିଦ୍ୟାଳୟ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨ଶହ ଫଳଗଛ ପ୍ରଦାନ କରାଯାଇଥିଲା। ଆପେକ୍ସ କମିଟିର ସଭାପତି ଡ. ଶ୍ୟାମସୁନ୍ଦର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡୁକୁରା ରେଞ୍ଜର ଅନନ୍ତ କୁମାର ଜେନା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମାକାନ୍ତ ମହାନ୍ତି, ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ପରିଚାଳନା କମିଟିର ସଭାପତି ସୁଷମା ପାତ୍ର ଓ ସମ୍ପାଦକ ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ପ୍ରମୁଖ କର୍ମକର୍ତ୍ତା ଓ ଅଭିଭାବକ ଉପସ୍ଥିତ ଥିଲେ। ସେହିପରି ପ୍ରତାପପୁର ଦଧିବାମନଜୀଉ ହାଇସ୍କୁଲ ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଥିଲା।

## ■ ବାଙ୍ଗାଲୋରରେ ହତ୍ୟାକାଣ୍ଡ ଘଟଣା

# ଫେରାର ଅଭିଯୁକ୍ତ ଇରମରୁ ଗିରଫ

**ବାସୁଦେବପୁର, ୬।୭ (ଡି.ଏନ.ଏ.)**

ବାଙ୍ଗାଲୋରରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ ଯୁବକ ଆକାଶ ଗୌଡ଼(୨୨)ଙ୍କୁ ବାସୁଦେବପୁର ଥାନା ଅଧୀନ ଇରମ ଆଡ଼ିଆ ଗ୍ରାମରୁ ଗତ ଶୁକ୍ରବାର ପୋଲିସ ଗିରଫ କରି ବାଙ୍ଗାଲୋର ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଆକାଶଙ୍କ ଘର ବାଙ୍ଗାଲୋର ସିଟି ଭେଲିକାଭେଲ ଥାନା ଅଧୀନ କେମ୍ପାଗୌଡନଗରରେ। ଗତ ଜୁନ୍ ୧୬ ତାରିଖରେ ବାଙ୍ଗାଲୋର ସିଟି ଅଞ୍ଚଳର ମାଲେଶ୍ୱରମ୍ ଛକ ସାମ୍ନାରେ ଆକାଶ ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀ ଶ୍ରୀନିବାସ ରାଓ ନାମକ ଜଣେ ବ୍ୟବସାୟୀଙ୍କ ପୁତ୍ରଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ଏ ନେଇ ଶ୍ରୀନିବାସଙ୍କ ଅଭିଯୋଗ କ୍ରମେ ଭେଲିକାଭେଲ ଥାନାରେ ଦଫା ୩୦୨, ୩୦୭, ୩୪ ଆଇପିସିରେ ଏକ ମାମଲା(ନଂ. ୫୨/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ସ୍ଥାନୀୟ ଅଞ୍ଚଳରେ ଅଭିଯୁକ୍ତ ଆକାଶ ଥିବା ଜାଣିବା ପରେ ଶୁକ୍ରବାର ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ସଦଳବଳ ଚଢ଼ାଉ କରି ଇରମ ଆଡ଼ିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ତାଙ୍କୁ ଧରିଥିଲେ। ପରେ ତାଙ୍କୁ ବାଙ୍ଗାଲୋର ପୋଲିସକୁ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ଇରମ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କର ଏକ ଦୋକାନ ବାଙ୍ଗାଲୋରରେ ଅଛି। ସେଠାରେ ତାଙ୍କର କେତେକ ସମ୍ପର୍କୀୟ ରହନ୍ତି। ଏହି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଆକାଶ ଏହି ବ୍ୟକ୍ତିଙ୍କ ପୁଅ ସହ ରଥଯାତ୍ରା ଦେଖିବାକୁ ଓଡ଼ିଶା ପଳାଇ ଆସି ଇରମରେ ରହିଥିଲେ। ଏ ସମ୍ପର୍କରେ ବାଙ୍ଗାଲୋର ପୋଲିସ ବାସୁଦେବପୁର ପୋଲିସକୁ ଅବଗତ କରିବା ପରେ ଆକାଶଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇ ସଫଳ ହୋଇଥିଲା।



ଗିରଫ ଅଭିଯୁକ୍ତ ଆକାଶ ଗୌଡ଼ (ବାମ)।

### ଖାତରେ ପଡ଼ି ଶିଶୁ ମୃତ

**ଭଦ୍ରକ ଅଫିସ, ୬।୭**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡା ଆଦିବାସୀ କଲୋନୀ ସାହିର ଜଣେ ଶିଶୁ ଶନିବାର ଖାତରେ ପଡ଼ି ପ୍ରାଣ ହରାଇଛନ୍ତି। ମୃତ ଶିଶୁ ହେଲେ ଏହି ସାହିର ଶନିଆ ମୁଣ୍ଡାଙ୍କ ଦେଢ଼ବର୍ଷର ପୁଅ ନାଡୁ। ସେ ଘରେ ଶୋଇଥିବା ବେଳେ ତାଙ୍କ ମା' ଅନ୍ୟତ୍ର ଯାଇଥିଲେ। ଘରକୁ ଫେରି ନାଡୁଙ୍କୁ ନ ପାଇ ଖୋଜାଖୋଜି କରିଥିଲେ। ପରେ ଘର ପାଖ ଏକ ଖାତରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

**ଭଦ୍ରକ ଅଫିସ, ୬।୭**

ଭଦ୍ରକ ପୌରପାଳିକା ଅଧୀନ ଗବସାହିର କିଶୋର ପାଣିଗ୍ରାହୀଙ୍କ ଘରେ ଶନିବାର ରାତିରେ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ତାଙ୍କର ୨ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ବିଳମ୍ବରେ ଅଗ୍ନିଶମ କର୍ମଚାରୀ ପହଞ୍ଚିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ହାଜର ହେଲେ ୮ ଖଣି ମାଲିକ

**କେନ୍ଦୁଝର, ୬।୭ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଚାଲିଥିବା ଖିଲାପୀ ଖଣି ସଂସ୍ଥାଙ୍କ ସମ୍ପତି ବାଜ୍ୟାପ୍ତି ମାମଲାରେ ଶନିବାର ୮ ଖଣି ସଂସ୍ଥା ହାଜର ହୋଇଥିଲେ। ସୁପ୍ରିମ କୋର୍ଟଙ୍କ ଆଦେଶ କ୍ରମେ ୩୧ ଖଣିର ୨୩ ଜଣ ଖଣିସଂସ୍ଥା ବିରୋଧରେ ଜରିମାନା ଅର୍ଥ ପୈଠ କରିବାକୁ ନୋଟିସ ଜାରି ହୋଇଥିଲା। ଏହି ଖଣି ସଂସ୍ଥା ଉପରେ ୬୩୫୦ କୋଟି ଟଙ୍କା ଜରିମାନା ଆଦାୟ କରିବା ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ ମାମଲା ଚାଲିଛି। ଜରିମାନା ପୈଠ ନ କଲେ ସମ୍ପତ୍ତି ବାଜ୍ୟାପ୍ତି ହେବ। ଶନିବାର ଶୁଣାଣି କରି ୫ ଖଣି ସଂସ୍ଥାର ମାମଲା ଚୂଡାନ୍ତ କରିଛନ୍ତି। ଜିଲାପାଳ ଆଶିଷ ଠାକରେ ଖଣି ମାମଲାର ଶୁଣାଣି କରି ଏଚ.ଜି ପାଣ୍ଡିଆ, ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଆଇରନ ଲିଃ, ଟି.ବି.ଲାଲ, ଭଞ୍ଜ ମିନେରାଲସ, ଏସ.ସି.ପାଢୀଙ୍କୁ ଆସନ୍ତା ଜୁଲାଇ ୨୦ ତାରିଖ ସୁଦ୍ଧା ଜରିମାନା ଅର୍ଥ ପୈଠ କରା ନ ଗଲେ ଓାରେଣ୍ଟ ଜାରି କରିବା ସହ ସମ୍ପତ୍ତ ବାଜ୍ୟାପ୍ତି କରିବାକୁ ତହସିଲକୁ କୁହାଯିବ ବୋଲି ଆଦେଶ ହୋଇଛି। ସୁପ୍ରିମ କୋର୍ଟରେ ବିଚାରଧୀନ ଥିବାରୁ ମାଲା ରାୟର ମାମଲା ଅଗଷ୍ଟ ୩ରେ ପରବର୍ତ୍ତୀ ଶୁଣାଣି କରାଯିବ। ବିସି ଦେବର କେନ୍ଦ୍ର ଖଣି ଓ ଇସ୍ପାତ ବିଭାଗରେ ଅପିଲ ବିଚାରଧୀନ ଥିବାରୁ ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୭ ତାରିଖକୁ ଧାର୍ଯ୍ୟ କରାଯାଇଛି । ଏସ.ଏନ.ଦାସ ମହାପାତ୍ର ହାଇକୋର୍ଟରେ ଅପିଲ କରିଥିବାରୁ ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

# ପରୀକ୍ଷାଫଳ ନ ବାହାରିବା ପ୍ରତିବାଦରେ ଘେରାଉ

**ବାରିପଦା ଅଫିସ,୬।୭**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଭୋକେସନାଲ ପରୀକ୍ଷା ଦେଇଥିବା ୨୪ ଜଣ ଛାତ୍ରୀଙ୍କ ପରୀକ୍ଷା ଫଳ ଏଯାଏ ବାହାରି ନାହିଁ। ଦୁଇ ଜଣ ଛାତ୍ରୀ ଅନୁପସ୍ଥିତ ଥିବା ଦର୍ଶାଯାଉଥିବା ବେଳେ ଅନ୍ୟମାନଙ୍କ ପରୀକ୍ଷା ଫଳ ପ୍ରକାଶ କରା ନ ଯିବା ପ୍ରତିବାଦରେ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏଶନ (ମାରିସା) ପକ୍ଷରୁ ଶନିବାର ଘେରାଉ ଆନ୍ଦୋଳନ କରାଯାଇଥିଲା। ମାରିସା ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଛାତ୍ରନେତାମାନେ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ସକାଳ ୭ ଟା ୩୦ ରୁ ୪ ଟା ପର୍ଯ୍ୟନ୍ତ ପ୍ରତିବାଦ ଜଣାଇଥିଲେ। ଗତ ୩ ତାରିଖରେ ମାରିସା କର୍ମକର୍ତ୍ତା କଲେଜର କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବା ମାରିସା ସଭାପତି ମୁର୍ମୁ କହିଛନ୍ତି। ଆନ୍ଦୋଳନ ବେଳେ ସଂଗଠନର ଉପସଭାପତି କୁନୁ ମାରାଣ୍ଡି, ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ସହ ସମ୍ପାଦକ ସମୀର ଟୁଡୁ, ବାସନ୍ତୀ ଟୁଡୁ, ସସ୍ମିତା ସିଂ, ରୀତା ପାତ୍ର, ବବିତା ସାହୁଙ୍କ ସମେତ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ।



କଲେଜ ଫାଟକ ସମ୍ମୁଖରେ ମାରିସାର କର୍ମକର୍ତ୍ତାମାନେ ଆନ୍ଦୋଳନ କରୁଛନ୍ତି।

# ଚାନ୍ଦବାଲିରେ ଟୁରିଷ୍ଟ ପାର୍କ ପାଇଁ କ୍ଷେତ୍ର ପରିଦର୍ଶନ

**ଚାନ୍ଦବାଲି, ୬।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି କଲେଜ ନିକଟ ମଧୁବନରେ ପ୍ରାୟ ୩ ଏକର ପରିମିତ ଜମିରେ ଏକ ଟୁରିଷ୍ଟ ପାର୍କ ପ୍ରତିଷ୍ଠା ପାଇଁ ଶନିବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ତହସିଲଦାର ସତ୍ୟଜିତ୍ ରାଉତ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସ ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀଙ୍କ ସହିତ ପାର୍କର ବୈଷୟିକ କର୍ମଚାରୀମାନେ ଏହି ସ୍ଥାନ ବୁଲି ଦେଖିଥିଲେ। ଜଙ୍ଗଲ ବିଭାଗ ଅଧୀନରେ ରହିଥିବା ମଧୁବନରେ ପୂର୍ବରୁ ବିଭିନ୍ନ ପ୍ରକାର ଗଛ ଲଗାଯିବା ସହିତ ଫରେଷ୍ଟ ବିଟ୍‌ହାଉସ ମଧ୍ୟ ରହିଥିଲା। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଘର ଭାଙ୍ଗିଯିବା ସହ କେତେକ ଗଛକୁ ଲୋକେ କାଟି ନେଇଯାଇଛନ୍ତି। ବିଭିନ୍ନ ସମୟରେ ବାତ୍ୟା କାରଣରୁ ଏଠାରେ ଥିବା ଆକାଶୀ ଓ ଝାଉଁ ଗଛ ଭାଙ୍ଗିଯାଇଛି। ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିରହିଥିବା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ଏହି ମଧୁବନକୁ ଟୁରିଷ୍ଟ ପାର୍କରେ ପରିଣତ କରିବାକୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବ ବୋଲି ଜଣାଯାଇଛି। ଏହାର ଚତୁଃପାର୍ଶ୍ୱରେ ପାଚେରି, ଆଲୋକୀକରଣ, ପର୍ଯ୍ୟଟକମାନଙ୍କ ପାଇଁ କଟେଜ ନିର୍ମାଣର ଯୋଜନା ରହିଛି। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନେ ଚାନ୍ଦବାଲିରେ ରହିବା ବେଳେ ଏହି ପାର୍କ ବୁଲିବାର ମଜା ଉଠାଇପାରିବେ ବୋଲି କୁହାଯାଉଛି।

## ନାବାଳିକାଙ୍କୁ ଗଣବଳାତ୍କାର କରି ଭିଡିଓ ଭାଇରାଲ ଘଟଣା

# ୪ମାସ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଜଳେଶ୍ୱର, ୬।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାର ମାମଲା ରୁଜୁ ହେବାର ୪ ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଛି। ସେ ହେଲେ ସୁବାସ ମୁର୍ମୁ ଓରଫ୍ ମିଥୁନ (୨୨)। ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲା ନୟାଗ୍ରାମ ଥାନା ଯାଦୁକଟା ଗ୍ରାମରେ।

୨୦୧୮ ଅକ୍ଟୋବର ୨୮ ତାରିଖରେ ମିଥୁନ, ଦିଲୀପ ବାସ୍କେ ତାଙ୍କ ୩ଜଣ ବନ୍ଧୁଙ୍କ ସହ ମିଶି ସ୍ଥାନୀୟ କଣ୍ଟାବଣି ଜଙ୍ଗଲରେ ଉକ୍ତ ନାବାଳିକା ଗଣବଳାତ୍କାର କରିବା ପରେ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଅଭିଯୁକ୍ତମାନେ ଉକ୍ତ ଭିଡ଼ିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ମା' ଜାଣିବା ପରେ ଘଟଣାର ୫ ମାସ ପରେ ସ୍ଥାନୀୟ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ରାଇବଣିଆ ଥାନାରେ ପୋଲିସ ଏକ ମାମଲା (ନଂ. ୧୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ତଦନ୍ତ ଭାର ନେଇଥିବା ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝି ଶୁକ୍ରବାର ବିଳମ୍ବିତ ରାତ୍ରିରେ ସଦଳବଳେ ଉଭୟ ରାଇବଣିଆ ଓ ନୟାଗ୍ରାମ ଥାନା ପୋଲିସର ସହଯୋଗରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ମିଥୁନ୍‌ଙ୍କୁ ତାଙ୍କ ଘରୁ ଗିରଫ କରିଛନ୍ତି। ଜଳେଶ୍ୱର ଥାନାରେ ମିଥୁନ୍‌ଙ୍କୁ ପଚରାଉଚୁରା କରାଯାଉଛି। ଏଥିସହିତ ପୀଡ଼ିତା ନାବାଳିକାଙ୍କ ସମେତ ତାଙ୍କ ପରିବାରକୁ ମଧ୍ୟ ପୋଲିସ ପଚରାଉଚୁରା କରୁଛି। ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କୁ ରବିବାର ଡାକ୍ତରୀମାଇନା କରାଯାଇ ଅଭିଯୁକ୍ତଙ୍କୁ ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ଏବେ ବି ୪ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଦୁର୍ଗାପୂଜା ସମୟରେ ସମ୍ପୃକ୍ତା ନାବାଳିକା ନିଜ ଘରୁ ସାଇକେଲରେ ଛକ ଆଡ଼କୁ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରିନେଇ ଏଭଳି ଅମାନୁଷିକ କାଣ୍ଡ ଘଟାଇଥିଲେ।



ଗିରଫ ମିଥୁନ।

## ନାବାଳିକା ଅପହରଣ ମାମଲା

# ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୬।୭**

ଏକ ନାବାଳିକା ଅପହରଣ ମାମଲାର ବିଚାର କରି ଶନିବାର ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଅଭିଯୁକ୍ତଙ୍କୁ ପୋକ୍‌ସୋ ଆକ୍ଟରେ ୧୦ବର୍ଷ ଜେଲଦଣ୍ଡ ସହ ୧୦ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ଗତ ୨୦୧୬ ସେପ୍ଟେମ୍ବର ୩୦ତାରିଖରେ ବାଲିଆପାଳ ଥାନା ଅଞ୍ଚଳର ଜଣେ ୧୨ବର୍ଷୀୟା ଝିଅକୁ ଘରେ କେହି ନ ଥିବାବେଳେ ଆଳଦିଆପନ୍ତା ଗ୍ରାମର ଭୀମ ସାହୁ (୨୬) ଅପହରଣ କରିନେଇଥିଲେ। ପରିବାର ଲୋକେ ଘରକୁ ଫେରି ନାବାଳିକାଙ୍କୁ ଖୋଜାଖୋଜି କରିଥିଲେ। ପଡ଼ୋଶୀ, ବନ୍ଧୁବାନ୍ଧବଙ୍କ ଘରୁ କୌଣସି ଖୋଜଖବର ନ ପାଇ ପରିବାର ଲୋକେ ହତାଶ ହୋଇପଡିଥିଲେ। ପରେ ନାବାଳିକାଙ୍କ ବାପା କୌଣସି ସୂତ୍ରରୁ ଖବର ପାଇ ତାଙ୍କ ଝିଅକୁ ଭୀମ ସାହୁ ନାମକ ଯୁବକ ଅପହରଣ କରିନେଇଥିବା ଅକ୍ଟୋବର ୮ ତାରିଖରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୭୫/୨୦୧୬) ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଯାଇଥିବା ବେଳେ ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ କୋର୍ଟରେ ସ୍ପେଶାଲ ମାମଲା (ନଂ. ୫୬୯/୨୦୧୬) ରୁଜୁ କରାଯାଇ ବିଚାର ଜାରି ରହିଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଜଜ୍ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ ପ୍ରକାଶ ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ରଥଯାତ୍ରା ଭିଡ଼ ବେଳେ ଚୋରି, ୨ ଗିରଫ

**ବାରିପଦା ଅଫିସ,୬।୭**

ବାରିପଦାରେ ଶନିବାର ରଥ ଟଣାଯିବା ବେଳେ ଭିଡର ସୁଯୋଗ ନେଇ ମୋବାଲ ଓ ପର୍ସ ଆଦି ଚୋରି କରିବା ଘଟଣାରେ ୨ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଜଣେ ନାବାଳକଙ୍କୁ ବାରିପଦା ଟାଉନ ଥାନା ପୋଲିସ ଅଟକ ରଖିଛି। ସେମାନଙ୍କ ଠାରୁ ୬ ଟି ମୋବାଇଲ, ୫ ହଜାର ୯ ଶହ ଟଙ୍କା ଏବଂ ୩ଶହ ଟଙ୍କା ଥିବା ଗୋଟିଏ ପର୍ସ ଜବତ କରାଯାଇଛି। ଗିରଫ ଯୁବକ ଦ୍ୱୟ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଖଡଗପୁର ଅଞ୍ଚଳର ଶିବା ସିଂ ଓ ଭାରତ ସିଂ । ସୁଭଦ୍ରାଙ୍କ ରଥ ନିକଟରେ ସନ୍ଦେହ ଜନକଭାବେ ବୁଲୁଥିବା ବେଳେ ସାଦା ପୋଷାକରେଥିବା ପୋଲିସ ଅଧିକାରୀମାନେ ସେମାନଙ୍କୁ ଧରିଥିଲେ।




# ପ୍ରତିଶ୍ରୁତି ପାଇ ଧାରଣାରୁ ଉଠିଲେ ଚାଷୀ

**ସୋର, ୬।୭(ଡି.ଏନ.ଏ.)**

ସୋର ବ୍ଲକ ନଟାପଡ଼ାଠାରେ ଜଣେ ବ୍ୟକ୍ତି କମ୍ପାନୀ କରି ସେଥିରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇ ଚାଷୀମାନଙ୍କଠାରୁ ଜମି କିଣିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଦୀର୍ଘ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ କୌଣସି କମ୍ପାନୀ ନ କରି ଜମିଗୁଡ଼ିକ ବିକ୍ରୟ କରୁଥିବା ଯୋଜନା ନେଇ ଚାଷୀମାନେ ଜାଣିପାରିଥିଲେ। ଏହାର ପ୍ରତିବାଦ ସ୍ୱରୂପ ଚାଷୀମାନେ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଚାଷୀମାନେ ସେମାନଙ୍କର ଚାଷ ଜମିକୁ ଫେରିପାଇବା ଦାବି କରି ଜିଲାପାଳ, ତହସିଲଦାର, ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଗତ ମଙ୍ଗଳବାରଠାରୁ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଧାରଣା ଦେଇଥିଲେ।

ଶୁକ୍ରବାର ଜମି କିଣିଥିବା ମାଲିକ ପହଞ୍ଚିଥିଲେ। ସେ ଚାଷୀମାନଙ୍କ ସହିତ ଏନେଇ ଆଲୋଚନା କରିବା ସହ ସୋର ପୋଲିସ ଉପସ୍ଥିତିରେ ବିଧାୟକ ପର୍ଶୁରାମ ଧଡ଼ାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଜମିମାଲିକ ଗାୟନ କହିଥିଲେ ଯେ, ଜମିଗୁଡ଼ିକର କିଛି ଅଂଶ ବ୍ୟାଙ୍କରେ ବନ୍ଧକ ଥିବାରୁ ଜମି ଫେରସ୍ତ ସମ୍ଭବ ନୁହେଁ। ବାକି ରହିଥିବା କିଛି ଜମିକୁ ବିକ୍ରୟ କରି ବ୍ୟାଙ୍କରେ ଋଣ ଶୁଝିବା ସହିତ ଜମି ହରାଇଥିବା ସମସ୍ତ ଜମି ମାଲିକଙ୍କୁ ବିକ୍ରୟ କରିଥିବା ସେତେବେଳେ ମୂଲ୍ୟାନୁସାରେ ଆଉ ଅଧିକ କିଛି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଚାଷୀମାନଙ୍କ ସହିତ ଚୁକ୍ତି ନେବାକୁ ନିଷ୍ପତ୍ତି ହୋଇଥିଲା। ପରେ ଧାରଣାରୁ ଚାଷୀମାନେ ହଟିଥିଲେ। ଏ ସମ୍ପର୍କରେ ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ପଚାରିବାରୁ ସେ କହନ୍ତି, ଜମିଗୁଡ଼ିକ ଯେହେତୁ ବନ୍ଧକ ଅଛି, ଏହାକୁ ବିକ୍ରୟ କରି ବ୍ୟାଙ୍କ ଋଣ ଶୁଝିବା ପରେ ଯଦି କିଛି ମିଳେ ତାହାକୁ ଚାଷୀ ପାଇ ପାରିବେ ବୋଲି କହିଥିଲେ। ଚାଷୀମାନଙ୍କ ମଧ୍ୟରେ ଲମ୍ବୋଧର ସେଠୀ, ଚକ୍ରଧର ସେଠୀ, ସନାତନ ମଳିକ, ନରେନ୍ଦ୍ର ଧଡ଼ା, ରବୀନ୍ଦ୍ର ଦାସ, ବିଷ୍ଣୁ ମଳିକ, ଲକ୍ଷ୍ମଣ ମିଶ୍ର ପ୍ରମୁଖ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ




### ବଡ଼ଦାଣ୍ଡରେ ବୁଲାଗୋରୁଙ୍କ ଭିଡ଼

କେନ୍ଦୁଝର,୬।୭ (ସ୍ୱ.ପ୍ର.)- କେନ୍ଦୁଝର ରଥଯାତ୍ରା ଲାଗି ପରିବେଶ ଉତ୍ସବମୁଖର ହୋଇ ଉଠିଛି। ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯିବା ସତ୍ତ୍ୱେ ବୁଲା ଗୋରୁଙ୍କ ଅବାଧ ଚଳପ୍ରଚଳ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏହାକୁ ରୋକିବା ଲାଗି କୌଣସି ପଦକ୍ଷେପ ନ ନେଇ ପ୍ରଶାସନ ଅଣଦେଖା କରୁଥିବାରୁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଚମ୍ପୁଆ ବଜାରରେ ଅଟୋ ଷ୍ଟାଣ୍ଡ ପାଇଁ ଦାବି

ଚମ୍ପୁଆ, ୬।୭(ଡି.ଏନ.ଏ.)-ଲୋକସଂଖ୍ୟା ଦୃଷ୍ଟିକୋଣରୁ ଚମ୍ପୁଆ ଏନଏସି ଏକ ପ୍ରମୁଖ ସ୍ଥାନ ଭାବେ ପରିଗଣିତ ହୋଇଥିବା ବେଳେ ବର୍ଦ୍ଧିତ ଯାନବାହନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉ ନ ଥିବା ଦେଖିବାକୁ ମିଳିଛି। ବଜାର ମଧ୍ୟରେ ପ୍ରତ୍ୟେକ ଦିନ ଚାଲୁଥିବା ଅଟୋ ପାଇଁ କୌଣସି ସୁବ୍ୟବସ୍ଥା କରାଯାଉନାହିଁ। ସୂଚନା ଅନୁସାରେ ବେକାର ଯୁବକମାନେ ରୋଜଗାର ପାଇଁ ଅଟୋ ଚଳାଇ ନିଜ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଚମ୍ପୁଆ ବଜାର ମଧ୍ୟରେ ରହିଥିବା ୬୩ ପାସେଞ୍ଜର ଅଟୋ, ୬୬ ମାଲବୁହା ଅଟୋ ଯାତାୟାତ କରୁଛି। ଯାତ୍ରୀଙ୍କୁ ଚମ୍ପୁଆରୁ ବିଭିନ୍ନ ସ୍ଥାନକୁ ନେବାଆଣିବା କରୁଥିବା ଏହି ଅଟୋମାନଙ୍କ ପାଇଁ ଷ୍ଟାଣ୍ଡର ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା କଡରେ ରହୁଛନ୍ତି। ରାତି ୩ଟାରୁ ଅଟୋଗୁଡ଼ିକ ଯାତ୍ରୀମାନଙ୍କୁ ସେବା ଯୋଗାଉଥିବା ବେଳେ ଏମାନଙ୍କ ପାଇଁ ଉଚିତ ସ୍ଥାନରେ ଷ୍ଟାଣ୍ଡ ପ୍ରଦାନ ପାଇଁ ସଂଘ ସଭାପତି ରାଜେଶ କାଳନ୍ଦୀ, ସମ୍ପାଦକ ଆନନ୍ଦ ନାଏକ ପ୍ରମୁଖ ଦାବି କରିଛନ୍ତି।

### କବି ଅନ୍ନପୂର୍ଣ୍ଣାଙ୍କ ସ୍ମୃତିଚାରଣ ସଭା

ପାଟଣା, ୬।୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଜଣା ଶୁଣା କବି ଅନ୍ନପୂର୍ଣ୍ଣା ଦାଶଙ୍କ ସ୍ମୃତିରେ ତାଙ୍କ ଏକାଦଶାହ ଅବସରରେ ଶୁକ୍ରବାର ତାଙ୍କ ମଙ୍ଗଳପୁର ବାସଭବନରେ ପାଟଣା ବ୍ଲକର ପୂର୍ବତନ ଅଧକ୍ଷ ଇଂ ବିଦ୍ୟାଧର ଦାଶଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବହୁ ଲବ୍ଧ ପ୍ରତିଷ୍ଠିତ କବି, ସାହିତ୍ୟିକ, ରାଜନେତା, ଶିକ୍ଷାବିତ ଓ ଖବରଦାତା ଯୋଗ ଦେଇ ଅନ୍ନପୂର୍ଣ୍ଣାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ପାର୍ଥସାରଥୀ ବେଜଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତି ସଭାରେ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ଅଧପକ ଡ. ଅବନୀକାନ୍ତ ଦାଶ, ସାମାଜିକ କର୍ମୀ ଅଜୟ କୁମାର ଦାଶ ଓ କମଳା କାନ୍ତ ଦାଶ ପ୍ରମୁଖ ଯୋଗ ଦେଇ କବି ଅନ୍ନପୂର୍ଣ୍ଣାଙ୍କ ସ୍ମୃତି ଚାରଣ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଅନ୍ନପୂର୍ଣ୍ଣାଙ୍କ ଫଟୋ ରେ ମାଲ୍ୟାର୍ପଣ କରିଥିଲେ।

### ବେଣାମୁଣ୍ଡା ଗ୍ରାମରେ ସ୍ୱଜଳଧାରା ଅଚଳ

ତେଲକୋଇ, ୬।୭(ଡି.ଏନ.ଏ.)- ତେଲକୋଇ ବ୍ଲକ ଅନ୍ତର୍ଗତ ପୁରୁଜୋଡା ପଞ୍ଚାୟତ ଅଧିନର ବେଣାମୁଣ୍ଡା ଗ୍ରାମରେ ସ୍ୱଜଳଧାରା ଯୋଜନା ୨୦୦୮ ମସିହାରୁ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ୧୫ଦିନ ହେବ ଉକ୍ତ ଜଳପ୍ରକଳ୍ପ ବନ୍ଦ ହୋଇଥିବା ଯୋଗୁଁ ଗ୍ରାମବାସୀ ଅଚଳ ନଳକୂପ ଉପରେ ନିର୍ଭର କରୁଛନ୍ତି। ଉକ୍ତ ଗ୍ରାମରେ ୭୫ପରିବାରରୁ ଉର୍ଦ୍ଧ ଲୋକେ ଏହି ପାନୀୟଜଳ ପାଉଥିଲେ। ଏନେଇ ପୂର୍ବତନ ଜିଲ୍ଲା ପରିଷଦ ବିଦ୍ୟାଧର ରାଉଳ ସମେତ ମହେନ୍ଦ୍ର ନାୟକ, ହରେକୃଷ୍ଣ ବାରିକ, ସ୍ଥାନୀୟ ସରପଞ୍ଚ, ପରମେଶ୍ୱର ମୁଣ୍ଡା ଓ ଗ୍ରାମବାସୀ ଜିଲାପାଳ ଓ ବିଡିଓଙ୍କ ଠାରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚରାଯିବାରୁ ସେ କହିଲେ ଯେ ଜଳ ଯୋଗାଣ ବ୍ୟାହତର କାରଣ ବିଦ୍ୟୁତ ସମସ୍ୟା। ତେବେ ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରାଯାଇଛି। ତୁରନ୍ତ ପ୍ରତି ୱାର୍ଡକୁ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଗୋଟିଏ କୋଠରିରେ ୫ ଶ୍ରେଣୀ

କେନ୍ଦୁଝର, ୬।୭(ସ୍ୱ.ପ୍ର.)



ବନବିଭାଗର ଗୋଟିଏ କୋଠରିରେ ଚାଲିଛି ୫ଟି ଶ୍ରେଣୀ।

- ୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ସ୍କୁଲ ଘର
- ମିଳୁନି ମଞ୍ଜୁରୀ ଅନୁଦାନ
- ବନ ବିଭାଗ କୋଠରି ଭରସା

ବିଦ୍ୟାଳୟ ବାହାରେ କୌଣସି ପିଲା ରହିବେ ନାହିଁ ଏବଂ ସବୁ ପିଲା ବିଦ୍ୟାଳୟକୁ ଆସି ପାଠ ପଢିବା ଲାଗି ସରକାର ଯୋଜନା କରିଥିବା ବେଳେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ପ୍ରାଥମିକ ଶିକ୍ଷାନୁଷ୍ଠାନକୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ଲାଗି ଘର ତିଆରି କରାଯାଉଥିଲେ ମଧ୍ୟ କାମ ଶେଷ ହୋଇ ପାରୁ ନାହିଁ। ଫଳରେ ଛାତ୍ରୀଛାତ୍ର ପାଠପଢାରୁ କିଭଳି ବଞ୍ଚିତ ହେଉଛନ୍ତି, ତାହର ଏକ ନଜିର କେନ୍ଦୁଝର ଜିଲା ବାଂଶପାଳ ବ୍ଲକର ଦୁର୍ଗମ ତଳକାଇଁସାରୀ ପଞ୍ଚାୟତ ଭେଜିଡିହି ଓ ମେଦିନିପୁର ଗ୍ରାମରେ ଦେଖିବାକୁ ମିଳିଛି।

ଭୂୟାଁ ଜନଜାତିର ଲୋକେ ବସବାସ କରୁଥିବା ଏହି ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଆଗରୁ ପିଲାମାନେ ପାଠ ପଢିପାରୁ ନ ଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭେଜିଡିହି ଓ ମେଦିନିପୁର ଗ୍ରାମର ପିଲାଙ୍କ ସକାଶେ ୨୦୧୪ରେ ଭେଜିଡିହିରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ୧ ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୨୨ ଛାତ୍ରୀଛାତ୍ର ନାମ ଲେଖାଇ ପାଠ ପଢୁଛନ୍ତି। ୨ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟର ସ୍ଥାୟୀ ଘର ନ ଥିବାରୁ ପିଲାଙ୍କ ପାଠ ପଢାରେ ଅସୁବିଧା ହେଉଛି। କାମ ଚଳା ବ୍ୟବସ୍ଥା ସ୍ୱରୂପ ସ୍ଥାନୀୟ ବନ ବିଭାଗର ଏକ କୋଠରିରେ ୫ଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢାଯାଉଛି। ସ୍ଥାୟୀ ଗୃହ ନିର୍ମାଣ ଲାଗି ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ୬ ଲକ୍ଷ ଟଙ୍କା ଦିଆଯାଇଥିଲା। ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଛାତ ପର୍ଯ୍ୟନ୍ତ କାମ କରାଯାଇଛି। ଅବଶିଷ୍ଟ ଅର୍ଥ ମିଳି ନ ଥିବାରୁ ଦୁଇ ବର୍ଷ ହେଲା ସ୍କୁଲ ଗୃହ ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଏହା କୌଣସି କାମରେ ଲାଗିପାରୁ ନାହିଁ। ନିର୍ମାଣାଧୀନ ଘର ଏବେ ଖରାବର୍ଷାରେ ନଷ୍ଟ ହେବାକୁ ବସିଲାଣି।

ପାହାଡ ତଳି ଇଲାକାରେ ଚାଲିଥିବା ଏହି ବିଦ୍ୟାଳୟ ଲାଗି ପାଚେରି ତିଆରି ହୋଇ ନାହିଁ। ପିଇବା ପାଣିର ବ୍ୟବସ୍ଥା ନାହିଁ। ପିଲାଙ୍କ ଖେଳିବା ପାଇଁ ଉପକରଣ ଯୋଗାଇ ଦିଆଯାଇ ନାହିଁ। ଏଭଳି ପରିବେଶରେ କିଭଳି ପାଠପଢା ଯାଉଥିବ ତାହା ଅନୁମେୟ। ଶିକ୍ଷାନୁଷ୍ଠାନର ଦୁରବସ୍ଥା ଦେଖି ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ସେଠାରେ ପାଠ ପଢାଇବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା କହିଛନ୍ତି। ଶିକ୍ଷକମାନେ ପ୍ରତିଦିନ ବାହାରେ ବସି ଅଫିସ କାମ କରି ଫେରୁଛନ୍ତି। ବର୍ଷା ଦିନେ ବନ ବିଭାଗ କୋଠରିରେ ପାଠ ପଢିବା ସମ୍ଭବ ହେଉ ନ ଥିବାରୁ ଏ ସମ୍ପର୍କରେ ଶିକ୍ଷା ବିଭାଗକୁ ଜଣାଇ ଦିଆଯାଇଛି। ସର୍ବଶିକ୍ଷା ଅଭିଯାନ ବର୍ତ୍ତମାନ ସମଗ୍ର ଶିକ୍ଷା ଯୋଜନାକୁ ପରିବର୍ତ୍ତିତ ହୋଇଥିବା କାରଣରୁ ଅର୍ଥ ମଞ୍ଜୁରୀରେ ବିଳମ୍ବ ଘଟିଥିବା ପ୍ରଧାନଶିକ୍ଷକ ସୁଦର୍ଶନ ଦଳେଇ କହିଛନ୍ତି। ଅଭିଭାବକ ଓ ଶିକ୍ଷକ ସଂଘ ବୈଠକରେ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ବିଳମ୍ବ ହେବା ନେଇ ଉଦ୍‌ବେଗ ପ୍ରକାଶ କରାଯାଇ ଏ ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ପ୍ରଶାସନ ଏ ଯାଏ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# କାନପୁର ରାସ୍ତାରେ ବର୍ଷା ପାଣି, ଲୋକେ ହଇରାଣ

ବଉଳା, ୬।୭ (ଡି.ଏନ.ଏ.)



୧୨ ନଂ ୱାର୍ଡରେ ଜମିଛି ପାଣି।

ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗାଁର ୧୨ନଂ ୱାର୍ଡ ରାସ୍ତାରେ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗାଁରେ ରାସ୍ତା ନିର୍ମାଣ ହେଉଥିବାରୁ ପାଣି ନିଷ୍କାସନ ପାଇଁ କୌଣସି ସୁବିଧା କରାଯାଇ ନ ଥିବାରୁ ଶୁକ୍ରବାର ଅନବରତ ବର୍ଷାରେ ପାଣି ନିଷ୍କାସନ ହୋଇ ନ ପାରି ୬ଇଞ୍ଚରୁ ଉର୍ଦ୍ଧ୍ୱ ପାଣି ରାସ୍ତା ଉପରେ ଜମା ହୋଇଛି। ଗାଁର ଲୋକେ ବାହାରିବା କଷ୍ଟକର ହୋଇପଡୁଥିବା ବେଳେ ସେହି ପାଣି ଭିତରେ ପଶି ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସିବାକୁ କଷ୍ଟ ହେଉଛି। ରାସ୍ତାରେ ଏଭଳି ପାଣି ଜମି ଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ପାଇଛି। ପ୍ରଶାସନ ଏଥିପ୍ରତି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି କୁହାଯାଉଛି।

# ମିଶନ ଶକ୍ତି ଫେଡେରେଶନ ବୈଠକ

ବଉଳା, ୬।୭(ଡି.ଏନ.ଏ.)

ହାଟଡିହୀ ବ୍ଲକର ମିଶନ ଶକ୍ତି ଫେଡେରେଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗ ଦେଇଥିଲେ। ବୈଠକରେ ବିଡିଓ ସୁଶାନ୍ତ କୁମାର ବାରିକ, ଫେଡେରେଶନର ସମ୍ପାଦକ ଦେବକୀ ନାୟକ, ସଭାପତି ଭାନୁମତୀ ବେହେରା, ମିଶନ ଶକ୍ତି କୋଅର୍ଡିନେଟର ଜ୍ୟୋତ୍ସ୍ନାରାଣୀ ଜେନା, ସୁପରଭାଇଜର ରେଣୁବାଳା ଜେନା, କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ସେଠୀଙ୍କୁ ଅବଗତ କରାଇଥିଲେ। ମିଶନ ଶକ୍ତି ଫେଡେରେଶନର ବୈଠକ କରିବାକୁ ଗୃହ ନ ଥିବା ମଧ୍ୟ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟା ନେଇ ଅଭିଯୋଗ କରିଥିଲେ। ମିଶନ ଶକ୍ତିର କର୍ମକର୍ତ୍ତାଙ୍କ ଅଭିଯୋଗକୁ ବିଧାୟକ ଶୁଣି ସମାଧାନ କରିବାକୁ କହିଥିଲେ। ଏହି ସମୟରେ ସୁପରଭାଇଜର ନିରୂପମା ରାଉତ, ପୁଷ୍ପାଞ୍ଜଳି ଜେନା, ଶକୁନ୍ତଳା ମହାନ୍ତି, କନକ ଦାସ ଓ ପଞ୍ଚାୟତସ୍ତରୀୟ ଫେଡେରେଶନ ଲିଡର ପ୍ରମୁଖ ଯୋଗ ଦେଇଥିଲେ।

■ ବନ୍ଧୁଙ୍କୁ ପଥରରେ ଛେଚି ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଚମ୍ପୁଆ, ୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ବଡ଼ଜଳ ଗ୍ରାମରେ ୨୦୧୫ ମସିହାରେ ଘଟିଥିବା ବନ୍ଧୁହତ୍ୟା କାଣ୍ଡର ଅଭିଯୁକ୍ତଙ୍କୁ ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଦୋଳଗୋବିନ୍ଦ ବାରିକ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣା ଅନୁସାରେ ୫।୯।୨୦୧୫ ମସିହାରେ ବଡଜଳ ଗାଁରେ ଚାଲିଥିବା ଫୁଟବଲ ଖେଳ ଦେଖିବାକୁ ଯାଇ ଅଭିଯୁକ୍ତ ଦୀପକ ନାଏକ ଓ ଜେନା ମୁଣ୍ଡା ଉଭୟ ମିଶି ମୃତକ ରାମ ଆପଟଙ୍କୁ ଡାକି ନେବା ସହିତ ହାଣ୍ଡିଆ ପିଆଇଥିଲେ। ପରେ ନିକଟସ୍ଥ ଠାକୁରାଣୀଡୁବା ଗାଁ ନିକଟରେ ନଦୀକୁ ନେଇଯାଇ ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରିଥିଲେ। ୨ ଦିନ ପରେ ନଦୀ କୂଳରେ ମୃତଦେହ ଭାସୁଥିବା ଦେଖି ଗାଁ ଲୋକ ଏହା ରାମ ଆପଟ ବୋଲି ଚିହ୍ନିବା ସହିତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ହତ୍ୟାକାରୀମାନେ ରାମ ଆପଟଙ୍କ ମୋଟର ସାଇକେଲକୁ ନେଇଯାଇ କୋଇଡା ଜଙ୍ଗଲରେ ଲୁଚାଇ ରଖିବା ସହିତ ତାଙ୍କ ପାଖରେ ଥିବା ୧୨ ଶହ ଟଙ୍କା, ବ୍ୟବହାର କରୁଥିବା ମୋବାଇଲ ଓ ବ୍ରେସଲେଟ ନଦୀ ମଧ୍ୟକୁ ଫିଙ୍ଗିଦେଇଥିଲେ। ତାଙ୍କ ପିତା ବଲାଣି ଥାନାରେ ହତ୍ୟା ଅଭିଯୋଗ କରିବା ପରେ ଆଇଆଇସି ମାଧବାନନ୍ଦ ନାଏକ ତଦନ୍ତ କରି ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲେ। ଏନେଇ ଏକ ମାମଲା (ନଂ.୪୨ ତା ୫।୯।୨୦୧୫)କୁ ଆଧାର କରି ସେଶନ ମାମଲା (ନଂ.୯/୧୬)ରେ ବିଚାର କରିବାସହ ୩୬ ଜଣ ସାକ୍ଷୀଙ୍କ ବୟାନ ପାରିପ୍ପାର୍ଶିକ ସ୍ଥିତି ଓ ଡାକ୍ତରଙ୍କ ରିପୋର୍ଟଙ୍କ ଭିତ୍ତିକରି ଅଭିଯୁକ୍ତ ଦୀପକ ନାଏକଙ୍କୁ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ଚମ୍ପୁଆ ବରିଷ୍ଠ ସରକାରୀ ଓକିଲ ମଧୁସୁଦନ ପତି ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଅନ୍ୟ ଅଭିଯୁକ୍ତ ଜେନା ମୁଣ୍ଡା ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି।

# ପୃଥକ ସଡ଼କ ଦୁର୍ଘଟଣା: ୨ ମୃତ

କେନ୍ଦୁଝର, ୬।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଦୁଇ ଦିନ ମଧ୍ୟରେ ପୃଥକ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଶନିବାର ସକାଳ ପ୍ରାୟ ୬ ଟାରେ ସଦରଥାନା ଅନ୍ତର୍ଗତ ବାଲିଆ ଗୋଡ଼ା ଛକ ନିକଟରେ ଏକ ସଡକ ଦୁର୍ଘଟଣା ଘଟିଛି। ଏକ ଆଇରନ ବୋଝେଇ (ଓଡ଼ିଜିର-୪-ଏଚ୪୩୧୩)ବିଶିଷ୍ଟ ଟ୍ରକ ଯୋଡ଼ା ଆଡୁ ଆସୁଥିବା ବେଳେ ଆଉ ଏକ ହାଇୱାକୁ ଓଭର ଟେକ କରିବାକୁ ଯାଇ ପଛ ଆଡୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଟ୍ରକ ଡ୍ରାଇଭର ର ଚାପି ହୋଇ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଲୁହା କଟା ଯନ୍ତ୍ରରେ କାଟି ମୃତ ଡ୍ରାଇଭରଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେହିପରି ସଦର ଥାନା ଅନ୍ତର୍ଗତ ପଦ୍ମପୁର ନିକଟସ୍ଥ ବାଙ୍କମାରୁଣୀ ପେଟ୍ରୋଲପମ୍ପ ନିକଟରେ ଶୁକ୍ରବାର ଅପରାହ୍ନରେ ଶିବନାଥ ତନ୍ତି (୩୦) ନାମକ ଜଣେ ବାଇକ ଆରୋହୀଙ୍କ ଉପରେ ଟ୍ରକ ମାଡ଼ିଯିବାରୁ ସେ ମୃତ୍ୟୁବରଣ କରଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ବାଇକ ଆରୋହୀଙ୍କୁ କେନ୍ଦୁଝର ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରିଥିଲେ ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଅଧା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି।

# ଗୁଣ୍ଡିଚା ମନ୍ଦିରରେ ଭାଗବତ ପାରାୟଣ



ଯୋଡା ଶ୍ରୀଗୁଣ୍ଡିଚା ମନ୍ଦିର।

ଯୋଡ଼ା, ୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ପଶ୍ଚିମ ଯୋଡାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭାଗବତ ପାରାୟଣ ଆରମ୍ଭ ହୋଇଛି। ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଥିବା ଶ୍ରୀଗୁଣ୍ଡିଚା ସେବାସମିତିର ସଭାପତି ମନୋରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଶୁକ୍ରବାରଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ମନ୍ଦିରରେ ଭାଗବତ ପାରାୟଣ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ପୁରୀର ପ୍ରବଚକ ପଣ୍ଡିତ ମାନସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହେଉଅଛି। ସୋମବାର ସନ୍ଧ୍ୟାରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ମଙ୍ଗଳବାର ଶିଶୁ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ଓ ବୁଧବାର ଏବଂ ଗୁରୁବାର ଭଜନ ସମାରୋହର କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଛନ୍ତି। ମନ୍ଦିରର ପୂଜକ ପ୍ରଦୀପ ମିଶ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରୁଥିବା ବେଳେ ପୂଜକ ବାସୁଦେବ ମିଶ୍ର ଓ ତ୍ରିନାଥ ମିଶ୍ରଙ୍କ ଦ୍ୱାରା ଭାଗବତ ପାରାୟଣ ପାଠ କରାଯାଉଛି। ପ୍ରବଚନ ଓ ଭାଗବତ ପାରାୟଣ ପାଠ ଶ୍ରବଣ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ମନ୍ଦିରରେ ଲାଗିରହିଛି। ମନ୍ଦିର ସେବାସମିତି ପକ୍ଷରୁ ଦୈନିକ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ପରମ୍ପରାକୁ ଯୋଡା ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମାଉସୀ ମା' ମନ୍ଦିରରେ ପାଳନ କରାଯାଉଥିବାରୁ ପୁରୀ ଗଜପତି ଦିବ୍ୟସିଂହ ଦେବ ଯୋଡା ଶ୍ରୀଜଗନ୍ନାଥ ମନ୍ଦିରର ଗୁଣଗାନ କରିଥିଲେ ଏବଂ ଶ୍ରୀକ୍ଷେତ୍ର ପୁରୀରେ ଯୋଡା ଶ୍ରୀଜଗନ୍ନାଥ ମନ୍ଦିରକୁ ମଧ୍ୟ ପ୍ରଶଂସା କରି ପୁରସ୍କୃତ କରାଯାଇଥିବା ଯୋଡା ଶ୍ରୀଜଗନ୍ନାଥ ମନ୍ଦିର ସେବା ସମିତିର ଅଧ୍ୟକ୍ଷ ଡା. ଅନୀଲ କୁମାର ଦାଶ ପ୍ରକାଶ କରିଛନ୍ତି।

# ନଭିମୁମ୍ବାଇରେ ପ୍ରତିଭା ଦେଖାଇଲେ କଳାକାର




ନୃତ୍ୟ ପରିବେଷଣ ପରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆନନ୍ଦପୁର, ୬।୭(ସ୍ୱ.ପ୍ର.)

ଆନନ୍ଦପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର କଳାକାରମାନେ ସେମାନଙ୍କର ପ୍ରତିଭା ଦେଖାଇଛନ୍ତି। ପବିତ୍ର ରଥଯାତ୍ରା ଅବସରରେ ନଭିମୁମ୍ବାଇର ନିଓପାନଭେଲ ଗସ୍ତରେ ଯାଇଥିବା ଏହି କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ସ୍ଥାନୀୟ ଜଗନ୍ନାଥ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ରଥଯାତ୍ରା ଉପଲକ୍ଷେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ରଥ ପଥ, ଆମ ଗାଁର ମୂଳକ, ଜଗନ୍ନାଥ ବିଜେ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି। ନୃତ୍ୟଶିଳ୍ପୀମାନଙ୍କୁ ଟ୍ରଷ୍ଟର ସଭାପତି ଯଦୁମଣି ଚକ୍ର, ସଦସ୍ୟ ସନ୍ତୋଷ ରାମ, ବାସୁଦେବ ଜେନା, ନିମାଇଁ ଚରଣ ବିଶ୍ୱାଳ, ବାବୁ ବେହେରା, ଗୀତା ଦେବୀ, ମଳୟ ମିଶ୍ର ପ୍ରମୁଖ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ନୃତ୍ୟଶିଳ୍ପୀ ମୋନିକା ଦାସ, ଅର୍ଚ୍ଚିକା ଦେହୁରୀ, ଦେବାଙ୍ଗୀ ସେନାପତି, ରିତେଶ ଦାସ, ଖୁସି ପରୀ, ବିନୋଦ ଓଝା, ଇତିଶ୍ରୀ ଓଝା, ମଧୁ ମାଳତୀ, ସଞ୍ଚାରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ।

# ଦୈତାରୀଙ୍କୁ ଭେଟିଲେ ସଦର ବିଧାୟକ ମୋହନ

କେନ୍ଦୁଝର, ୬।୭(ସ୍ୱ.ପ୍ର.)

ବାଂଶପାଳ ବ୍ଲକ ତଳବୈତରଣୀ ଗ୍ରାମକୁ ଶନିବାର ବିରୋଧୀ ଦଳର ମୁଖ୍ୟସଚେତକ ତଥା ସଦର ବିଧାୟକ ମୋହନ ମାଝୀ ଯାଇଥିଲେ। ସେ ସେଠାରେ ପଦ୍ମଶ୍ରୀ ଦୈତାରୀ ନାୟକ ଓ ତାଙ୍କ ପରିବାରଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଦେଶରେ ଯାଇଥିବା ବେଳେ ତାଙ୍କ ସମସ୍ୟାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନା ଥାଉକି କିଛି ଦିନ ପୂର୍ବରୁ ଦୈତାରୀ କୌଣସି କାମ ଧନ୍ଦା ପାଉ ନ ଥିବାରୁ ପଦ୍ମଶ୍ରୀ ଫେରାଇବେ ବୋଲି ଗଣମାଧ୍ୟମକୁ କହିଥିଲେ।



ପଦ୍ମଶ୍ରୀ ଦୈତାରୀ ନାୟକଙ୍କ ପରିବାର ସଦସ୍ୟଙ୍କ ଗହଣରେ ବିଧାୟକ।

# ସର୍ବାଧିକ ୮୧ ମି.ମି. ବର୍ଷା ରେକର୍ଡ

ପାଟଣା, ୬।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲାବ୍ୟାପୀ ମୌସୁମୀ ସକ୍ରିୟ ହୋଇଛି। ବିଳମ୍ବରେ ହେଲେବି ମୌସୁମୀ ପ୍ରଭାବରେ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିଛି। ସେଣ୍ଟ୍ରାଲ ୱାଟର କମିଶନ ପାଟଣା ତରଫରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଜୁଲାଇ ମାସ ପ୍ରଥମ ସପ୍ତାହ ଶୁକ୍ରବାର ପାଟଣାରେ ସର୍ବାଧିକ ୮୧.୪ମିଲି ମିଟର ବୃଷ୍ଟିପାତ ପାତ ରେକର୍ଡ ହୋଇଛି। ଭଲ ବର୍ଷା ହେବା ଫଳରେ ଚାଷୀ କୂଳ ଆଶ୍ୱସ୍ତି ହୋଇଛନ୍ତି। ବିଲରେ ପାଣି ଲାଗିବାରୁ ଧାନ ରୁଆପୋତା କାମ ଆରମ୍ଭ ହୋଇଛି।

# ଭିତ୍ତିଭୂମି ଥାଇ ମାନ୍ୟତା ପାଉନି ଜଳପ୍ରପାତ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୬।୭ (ସ୍ୱ.ପ୍ର.)

- ପ୍ରୋତ୍ସାହନ ଅଭାବରେ ପର୍ଯ୍ୟଟନ ଶିଳ୍ପ
- ଦୁଇ ବର୍ଷ ହେଲା ବସୁନି ଡିଟିପିସି ବୈଠକ
- ସଦର ବିଧାୟକଙ୍କ ଉଦ୍‌ବେଗ ପ୍ରକାଶ

ଦେଶରେ ପର୍ଯ୍ୟଟନର ବିକାଶ କରି ବହୁ ଦେଶ, ରାଜ୍ୟ ସମୃଦ୍ଧ ହୋଇଥିବା ବେଳେ କେନ୍ଦୁଝର ଜିଲାରେ ଥିବା ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ଗୁଡିକର ବିକାଶ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଭୌଗୋଳିକ ଦୃଷ୍ଟି କୋଣରୁ ବଣପାହାଡ ଘେରା କେନ୍ଦୁଝର ଜିଲାର ପ୍ରତ୍ୟେକଟି ସ୍ଥାନ ମନୋରମ ଓ ସୌନ୍ଦର୍ଯ୍ୟମୟ। ଏହି ଜିଲାରେ ୬ ଟି ଜଳପ୍ରପାତ ମାନ୍ୟତା ପାଇଥିବା ଜଣାପଡ଼ିଛି। ତେବେ ଅନ୍ୟ ସବୁ ଜଳପ୍ରପାତ ଗୁଡିକ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ମାନ୍ୟତାପ୍ରାପ୍ତ ଜଳପ୍ରପାତର ବିକାଶ କରିବା ସହ ନୂତନ ଜଳପ୍ରପାତ ଗୁଡିକୁ ମାନ୍ୟତା ଦେଇ ବିକାଶ କରାଗଲେ କେନ୍ଦୁଝର ଜିଲା ରାଜ୍ୟ ତଥା ଦେଶରେ 'ଜଳପ୍ରପାତର ଭୂମି'ର ମାନ୍ୟତା ପାଇପାରିବ ବୋଲି ମତ ପ୍ରକାଶ ପାଉଛି।

ଏହା ଦ୍ୱାରା ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସିବେ ବୋଲି ମଧ୍ୟ କୁହାଯାଉଛି। ସେଗୁଡିକ ହେଲା ସାନଘାଗରା, ବଡଘାଗରା, ଖଣ୍ଡାଧାର, ଗୁଣ୍ଡିଚାଘାଗୀ, ମୁର୍ଗା, ହାଣ୍ଡିଭଙ୍ଗା ଆଦି ଜଳପ୍ରପାତ ଅନ୍ୟତମ। ଏତଦବ୍ୟତୀତ ପର୍ଯ୍ୟଟନ ମାନ୍ୟତା ପାଇ ନ ଥିବା ଭୀମକୁଣ୍ଡ, କାଇଯୋଡା, ଟେଣ୍ଟେଇନାଳୀ, କାଇଁଝରେ, ଗିରିଡିବନ୍ଧ, ମହାଦେବମୁଣ୍ଡି, ପୁଟୁଘରଘାଗୀ ଆଦି ବହୁ ପ୍ରାକୃତିକ ଜଳପ୍ରପାତ ରହିଛି ଯାହାକି ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ପାଇଥିଲେ ହେଁ ପର୍ଯ୍ୟଟନ ବିଭାଗର ମାନ୍ୟତା ମିଳିନାହିଁ। ସରକାର ଖଣି ଓ ଶିଳ୍ପକୁ ପ୍ରୋତ୍ସାହନ ଦେଉଥିବା ବେଳେ ପର୍ଯ୍ୟଟନ ଶିଳ୍ପକୁ ସେଭଳି ପ୍ରୋତ୍ସାହନ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏସବୁ ପର୍ଯ୍ୟଟନ କେନ୍ଦ୍ର ଗୁଡିକର ବିକାଶ ହେଲେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ଏବଂ ବ୍ୟାପକ ରାଜସ୍ୱ ଆଦାୟ ହୋଇ ପାରିବ। ଏହାଛଡା ଏହା ଦ୍ୱାରା ବନବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇ ପାରିବ ବୋଲି ସଂଗ୍ରାହକ ତଥା ପରିବେଶପ୍ରେମୀ ପ୍ରଦୀପ ରାଉତ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ପର୍ଯ୍ୟଟନର ବିକାଶ ପାଇଁ ୨୦୧୬ ମସିହାରେ ଟୁରିଜିମ ପଲିସି ଗଠନ କରାଯାଇଥିଲା। ପର୍ଯ୍ୟଟନ ବିଭାଗ ବିଜ୍ଞପ୍ତି ନମ୍ବର ୮୦୨୯/୭-୭-୨୦୧୩ ଅନୁଯାୟୀ ପଲିସି ଗଠନ ପରେ ୧୦-୫-୨୦୧୭ ରେ ଜିଲା ଟୁରିଜିମ ପ୍ରମୋସନ କାଉନସିଲ (ଡିଟିପିସି) ଗଠନ ହୋଇଥିଲେ ହେଁ ଅଦ୍ୟାବଧି ବୈଠକ ବସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ନୂତନ କେନ୍ଦ୍ର ଗୁଡିକୁ ମାନ୍ୟତା ମିଳିପାରୁନାହିଁ କିମ୍ବା ମାନ୍ୟତାପ୍ରାପ୍ତ କେନ୍ଦ୍ର ଗୁଡିକର ବିକାଶ ନେଇ ଆଲୋଚନା ହୋଇପାରୁନାହିଁ। ଏହାକୁ ସଦର ବିଧାୟକ ତଥା ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ତୀବ୍ର ଉଦବେଗ ପ୍ରକାଶ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ପର୍ଯ୍ୟଟନ କେନ୍ଦ୍ର ଗୁଡିକର ବିକାଶ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଖୁବ ଶୀଘ୍ର ଡିଟିପିସି ବୈଠକ ବସିବ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଟେଣ୍ଟେଇନାଳୀ ଜଳପ୍ରପାତ।